ଆମ ବିକାଶ ଯୋଜନା



୪

ପଞ୍ଚାୟତିରାଜ
ଗ୍ରାମ୍ୟ ଉନ୍ନୟନ

cysd

ଆମ ବିକାଶ ଯୋଜନା

ପଞ୍ଚାୟତିରାଜ
ଗ୍ରାମ୍ୟ ଉନ୍ନୟନ

ଆମ ବିକାଶ ଯୋଜନା

ପ୍ରସ୍ତୁତି :

ସି.ୱାଇ.ଏସ୍.ଡ଼ି.

ପ୍ରକାଶକ :

ସି.ୱାଇ.ଏସ୍.ଡ଼ି.

ଇ-୧, ଇନ୍‌ଷ୍ଟିଚ୍ୟୁସନାଲ୍ ଏରିଆ

ଗଙ୍ଗାଧର ମେହେର ମାର୍ଗ, ଭୁବନେଶ୍ୱର - ୭୫୧୦୧୩

ପୃଷ୍ଠା ବିନ୍ୟାସ :

ପ୍ରଜ୍ଞା ଗ୍ରାଫିକ୍ସ , ଲକ୍ଷ୍ମୀ ବିହାର, ଭୁବନେଶ୍ୱର - ୫

ପ୍ରକାଶନ ସମୟ :

୦୧ ଡ଼ିସେମ୍ବର ୨୦୦୯

ସହଯୋଗ ରାଶି :

୧୦୦/- ଟଙ୍କା ମାତ୍ର

(ସଂପୂର୍ଣ୍ଣ ସେଟ୍)

ମୁଖବନ୍ଧ

ଲୋକଙ୍କ ପାଇଁ ଯୋଜନା । ଲୋକମାନେ ତାହା ଜାଣିବା ଉଚିତ୍ । ସରକାରୀ ସ୍ତରରେ ପ୍ରସ୍ତୁତ ହେଉଥିବା ଅନେକ ଯୋଜନା ବିଷୟରେ ସାଧାରଣ ଲୋକ ଆଦୌ ଜାଣିପାରନ୍ତି ନାହିଁ । ଲୋକଙ୍କୁ ଜଣାଇବା ସରକାରଙ୍କର ଯେତିକି ଦାୟିତ୍ୱ, ଯୋଜନାଗୁଡ଼ିକ ବିଷୟରେ ସବିଶେଷ ଜାଣିବା ସାଧାରଣ ଲୋକଟିର ମଧ୍ୟ ସେତିକି କର୍ତ୍ତବ୍ୟ । ଜନମଙ୍ଗଳ ରାଷ୍ଟ୍ର ହିସାବରେ ସରକାର ଜନତାର ସେବା ପାଇଁ ପୂର୍ଣ୍ଣ ଉତ୍ସର୍ଗୀକୃତ ହେବା ଦରକାର । ଠିକ୍ ସେହିପରି ଏକ ସ୍ୱାଧୀନ ରାଷ୍ଟ୍ରର ନାଗରିକମାନେ ସେତିକି ସମ୍ବେଦନଶୀଳ ହୋଇ ରାଷ୍ଟ୍ରର ଆଇନ କାନୁନ୍, ନୀତି ନିୟମ ଏବଂ ସମସ୍ତ ସରକାରୀ ବେସରକାରୀ ଯୋଜନା ବିଷୟରେ ଜାଣିବା ଅପରିହାର୍ଯ୍ୟ ।

ଆମେ ଆଗରୁ କହିଛୁ, ଜାଣିଲେ ଜିଣିବା । ନିଜର ବିକାଶର ଗତିକୁ ବଢ଼ାଇବା । ଆମ ରାଜ୍ୟର ସାଧାରଣ ଜନତା ଯେତେ ଅଧିକ ଜାଣିବେ ଓ ସରକାରୀ ଯୋଜନାକୁ ଯେତେ ଅଧିକ ସଠିକ୍ କାମରେ ଲଗାଇବେ, ଆମର ବିକାଶ ସେତେ ଅଧିକ ହେବ । ସରକାରୀ ସ୍ତରରେ ଅନେକ ବିଭାଗ ଅଛି । ଯେପରି କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ରାଜସ୍ୱ, ଶକ୍ତି, ଶିଳ୍ପ, ସମବାୟ ଏହିପରି ଅନେକ । କିନ୍ତୁ ସାଧାରଣ ଜନତା ପାଇଁ ସମସ୍ତ ଯୋଜନା ବିଷୟରେ ଗୋଟିଏ କୌଣସି ସ୍ଥାନରୁ ବା ଗୋଟିଏ କୌଣସି ଉପାଦେୟ ପୁସ୍ତକରୁ ଜାଣିବାର ବ୍ୟବସ୍ଥା ନାହିଁ କହିଲେ ଚଳେ ।

ସାଧାରଣଲୋକଙ୍କର ଏହି ଅସୁବିଧାକୁ ଉପଲବଧି କରି ଏହାର ସମାଧାନ ପାଇଁ ସି.ଓ୍ୱାଇ.ଏସ୍.ଡ଼ି. ତରଫରୁ ଏକ ଲୋକାଭିମୁଖି ପଦକ୍ଷେପଟିଏ ନେବା ପାଇଁ ବିଚାର କରାଗଲା । ଯାହାର ଫଳସ୍ୱରୂପ ଜନ୍ମ ନେଲା କେତୋଟି ପୁସ୍ତିକାର ସମାହାର "ଆମ ବିକାଶ ଯୋଜନା" ।

ଲୋକ ଶାସନ ବିଭାଗର ପ୍ରମୁଖ ଡ଼ଃ ସୁରେନ୍ଦ୍ରନାଥ ଜେନା , କାର୍ଯ୍ୟକ୍ରମ ସଂଯୋଜିକା ରୀତାରାଣୀ ଦାସ ଏବଂ ସମାଜସେବୀ ନିରାକାର ବେଉରାଙ୍କର ଉଦ୍ୟମ ଫଳରେ ଏହି କାର୍ଯ୍ୟଟି ସମ୍ଭବ ହୋଇପାରିଛି ।

୧୩ଟି ବିଭାଗର ଅନେକ ଯୋଜନା ଏହି ପୁସ୍ତିକା ସବୁରେ ସନ୍ନିବେଶିତ ହୋଇଛି । ଆହୁରି ଅନେକ ବିଭାଗର ଛୋଟ ବଡ଼ ଯୋଜନା ଆମମାନଙ୍କର ହସ୍ତଗତ ହୋଇପାରିନଥିବାରୁ ସଂଯୋଜନା ମଣ୍ଡଳୀ ସେହି ସବୁ ଯୋଜନାକୁ ଏହି ପୁସ୍ତିକାରେ ନେଇ ପାରିନାହାଁନ୍ତି । ଏଥିସହ ସରକାରଙ୍କର ଯୋଜନା ଅନେକ ସମୟରେ ପରିବର୍ତ୍ତନ ହୁଏ, ପରିବର୍ଦ୍ଧିତ ହୁଏ, ବନ୍ଦ ବି ହୋଇଯାଏ ଏବଂ ସାହାଯ୍ୟର ପରିମାଣରେ ହ୍ରାସ କିମ୍ବା ବୃଦ୍ଧି ଘଟିଥାଏ । ତେଣୁ ଏ ପୁସ୍ତିକା ପ୍ରତି ୨/୩ ବର୍ଷରେ ଥରେ ସଂଶୋଧନ ହେବା ନିତାନ୍ତ ଜରୁରୀ । ଏଥିସହ ଉକ୍ତ ପୁସ୍ତିକାଟି ପ୍ରକାଶିତ ହୋଇସାରିବା ପରେ ସରକାରୀ ସ୍ତରରେ ଯୋଜନାର ନକଲ ସାଧାରଣ ଲୋକଙ୍କୁ ଦେବାରେ ଯେଉଁ ଅନାଗ୍ରହ ଦେଖିବାକୁ ମିଳୁଥିଲା, ତାହା ଦୂର ହୋଇପାରିବ ବୋଲି ଆଶା କରାଯାଏ । ସରକାର ମଧ୍ୟ ଏ ଦିଗରେ ଯତ୍ନଶୀଳ ହୋଇ ଏହିପରି ପୁସ୍ତକ ଅଧିକ ସଂଖ୍ୟାରେ ପ୍ରକାଶ କରି ସାଧାରଣ ଲୋକଙ୍କୁ ପ୍ରଦାନ କଲେ ସରକାରଙ୍କ ଲକ୍ଷ୍ୟ ଅଧିକ ଫଳବତୀ ହୋଇପାରିବ ନିଶ୍ଚୟ ।

ପରିଶେଷରେ ଏହି ଉପାଦେୟ ପୁସ୍ତିକା ଗୁଚ୍ଛର ସଂପାଦନା ମଣ୍ଡଳୀ, ପ୍ରକାଶକ ଏବଂ ଏ ପୁସ୍ତିକାକୁ ପାଠ କରି ଏଥିରୁ ଯେଉଁମାନେ ଲାଭାନ୍ୱିତ ହେବେ, ସେ ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା ଜ୍ଞାପନ କରୁଛି ।

୦୧ ଡ଼ିସେମ୍ବର ୨୦୦୯

ପ୍ରଫୁଲ କୁମାର ସାହୁ
ଅଧ୍ୟକ୍ଷ
ସି.ଓ୍ୱାଇ.ଏସ୍.ଡ଼ି.

ସୂଚୀପତ୍ର

୧.ପଞ୍ଚାୟତିରାଜ ବିଭାଗ

- ଇନ୍ଦିରା ଆବାସ ଯୋଜନା ୧
- ଗୋପବନ୍ଧୁ ଗ୍ରାମୀଣ ଯୋଜନା ୪
- ପଛୁଆ ଅଞ୍ଚଳ ଅନୁଦାନ ପାଣ୍ଠି ୮
- ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ୧୬
- ସ୍ୱର୍ଣ୍ଣ ଜୟନ୍ତୀ ଗ୍ରାମ ସ୍ୱରୋଜଗାର ଯୋଜନା ୨୪

୨.ଗ୍ରାମ୍ୟ ଉନ୍ନୟନ ବିଭାଗ

- ବ୍ୟକ୍ତିଗତ ପାଇଖାନା ଯୋଜନା ୨୭
- ସଂପୂର୍ଣ୍ଣ ପରିମଳ ଅଭିଯାନ ୨୯
- ସ୍ୱଜଳଧାରା ଯୋଜନା ୩୩
- ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ୩୭

ପଞ୍ଚାୟତିରାଜ

ଇନ୍ଦିରା ଆବାସ ଯୋଜନା

ଯୋଜନାର ଉଦ୍ଦେଶ୍ୟ	ଗ୍ରାମାଞ୍ଚଳରେ ବାସ କରୁଥିବା ଗରିବ ଲୋକମାନଙ୍କୁ ବାସଗୃହ ଯୋଗାଇଦେଇ, ସେମାନଙ୍କର ମୌଳିକ ଆବଶ୍ୟକତାକୁ ପୁରଣ କରିବା ହେଉଛି ଏହି ଯୋଜନାର ମୂଳ ଉଦ୍ଦେଶ୍ୟ ।
ହିତାଧିକାରୀଙ୍କ ଯୋଗ୍ୟତା	ସରକାରଙ୍କ ଦ୍ୱାରା ଚିହ୍ନଟ କରାଯାଇଥିବା ସମସ୍ତ ବି.ପି.ଏଲ ପରିବାର ।
ଆବେଦନ ପ୍ରଣାଳୀ	ସାଧାକାଗଜରେ ଗ୍ରାମ ପଞ୍ଚାୟତକୁ ଦରଖାସ୍ତ ଲେଖିବେ। ବିଭିନ୍ନ ଗ୍ରାମ ପଞ୍ଚାୟତରେ ଫର୍ମ ବ୍ୟବସ୍ଥା ଅଛି, ତାହାକୁ ପୂରଣ କରି ପାରିବେ।
ଚିହ୍ନଟ ପ୍ରକ୍ରିୟା	ଇନ୍ଦିରା ଆବାସ ଯୋଜନାର ନୀତି ନିର୍ଦ୍ଦେଶାବଳୀ ଓ ନିର୍ଦ୍ଧାରିତ ଅଗ୍ରାଧିକାରକୁ ଭିତ୍ତିକରି ପରିବାରଗୁଡିକର ତାଲିକା ମଧ୍ୟରୁ କେଉଁମାନଙ୍କୁ ଏହି ପର୍ଯ୍ୟାୟରେ ଇନ୍ଦିରା ଆବାସ ପ୍ରଦାନ କରାଯିବ, ତାହା ପଲ୍ଲୀସଭା ଦ୍ୱାରା ସ୍ଥିର ହୋଇଥାଏ। ଚିହ୍ନଟ ସମୟରେ ନିମ୍ନ ହିତାଧିକାରୀଙ୍କୁ ଗୁରୁତ୍ୱ ଦିଆଯାଇଥାଏ। - ମୁକ୍ତ ଗୋତି ଶ୍ରମିକ - ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ପରିବାର - ଶାରୀରିକ ଅକ୍ଷମ ବ୍ୟକ୍ତି - କାର୍ଯ୍ୟ ସମୟରେ ପ୍ରାଣ ହରାଇଥିବା ସାମରିକ /

ଅର୍ଦ୍ଧସାମରିକ ବ୍ୟକ୍ତିଙ୍କ ପରିବାର

- ବିସ୍ଥାପିତ ବ୍ୟକ୍ତି
- ବିଧବା କିମ୍ବା ଅବିବାହିତ ମହିଳାଙ୍କ ନେତୃତ୍ୱରେ ପରିଚାଳିତ ପରିବାର

ସାହାଯ୍ୟର ପରିମାଣ ଇନ୍ଦିରା ଆବାସ ଗୃହ ନିର୍ମାଣ ପାଇଁ ୩୫ ହଜାର ଟଙ୍କାର ଆର୍ଥିକ ସାହାଯ୍ୟ ଯୋଗାଇ ଦିଆଯାଇଥାଏ।

ସାହାଯ୍ୟକାରୀ ଅଧିକାରୀ ମଣ୍ଡଳ ଉନ୍ନୟନ ଅଧିକାରୀ

ଅଭିଯୋଗ ଦାଖଲ ସାଧା କାଗଜରେ ଦରଖାସ୍ତ ଲେଖି ପ୍ରକଳ୍ପ ଅଧିକାରୀ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାଙ୍କ ପାଖରେ ଅଭିଯୋଗ କରାଯାଇପାରିବ।



ବିଶେଷ ସୂଚନା

- ଇନ୍ଦିରା ଆବାସ ନିର୍ମାଣ ୧୮୦ ବର୍ଗଫୁଟ ଅର୍ଥାତ (୧୫" x୧୨") ରୁ କମ୍ ହେବ ନାହିଁ।
- ଏଥିରେ କୌଣସି ଠିକାଦାରଙ୍କୁ କାମରେ ଲଗାଯାଇପାରିବ ନାହିଁ।
- ବାସଗୃହ ଗୁଡିକ ହିତାଧିକାରୀ ପରିବାରର ମହିଳା ସଦସ୍ୟଙ୍କ ନାମରେ ଆବଣ୍ଟନ କରାଯାଇଥାଏ।
- ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କ ନାମରେ ବି ଗୃହ ଆବଣ୍ଟନ କରାଯାଇପାରିବ।
- ଭିନ୍ନକ୍ଷମ ମାନଙ୍କ ପାଇଁ ଏହି ଅର୍ଥର ଶତକଡା ୩ଭାଗ ଖର୍ଚ୍ଚ ହେବ।

ଗୋପବନ୍ଧୁ ଗ୍ରାମୀଣ ଯୋଜନା

ଯୋଜନାର ଉଦ୍ଦେଶ୍ୟ

ପଛୁଆ ଅଞ୍ଚଳ ଅନୁଦାନ ପାଣ୍ଠି ପାଉନଥିବା ୧୧ଟି ଜିଲ୍ଲାକୁ ସ୍ୱତନ୍ତ୍ର ସୁବିଧା ଦେବାକୁ ଯାଇ ଗୋପବନ୍ଧୁ ଗ୍ରାମୀଣ ଯୋଜନାର ପରିକଳ୍ପନା କରାଯାଇଛି।

ଉକ୍ତ ଜିଲ୍ଲା ଗୁଡିକର ପ୍ରତ୍ୟେକ ରାଜସ୍ୱ ଗ୍ରାମକୁ ବିଜୁଳି, ସଡକ ଓ ପାଣି ଭଳି ପ୍ରାଥମିକ ଭିତ୍ତିଭୂମିର ସୁବିଧା ନିମନ୍ତେ ଅତିରିକ୍ତ ଉନ୍ନୟନ ପାଣ୍ଠି ଯୋଗାଇ ଦେବା ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ।

୨୦୦୬-୦୭ରୁ ଆରମ୍ଭ ହୋଇ ଏହି ଯୋଜନା ଏକାଦଶ ପଞ୍ଚବାର୍ଷିକ ଯୋଜନାର ଶେଷ ଅର୍ଥାତ ୨୦୧୧-୧୨ ପର୍ଯ୍ୟନ୍ତ ଚାଲିବାର କାର୍ଯ୍ୟକ୍ରମ ରହିଛି।

ଏହି ଯୋଜନା ନିମନ୍ତେ ବ୍ୟକ୍ତିଗତରୂପେ ହିତାଧିକାରୀଙ୍କୁ ଚିହ୍ନଟ ନକରାଯାଇ ନିମ୍ନଲିଖିତ ୧୧ଟି ଜିଲ୍ଲାର ରାଜସ୍ୱ ଗ୍ରାମଗୁଡିକୁ ଚିହ୍ନଟ କରାଯାଇ ଅନୁଦାନ ପ୍ରଦାନ କରାଯାଇଥାଏ।

ଏହି ଯୋଜନା ଅନୁଗୁଳ, ବାଲେଶ୍ୱର, ବରଗଡ, ଭଦ୍ରକ, କଟକ, ଯାଜପୁର, ଜଗତସିଂହପୁର, କେନ୍ଦ୍ରାପଡା, ଖୋର୍ଦ୍ଧା, ନୟାଗଡ ଓ ପୁରୀ ଜିଲ୍ଲାରେ କାର୍ଯ୍ୟକାରୀ କରାଯାଉଅଛି। ଯେହେତୁ ଏହି ଯୋଜନା ନିମନ୍ତେ ବ୍ୟକ୍ତିଗତ ହିତାଧିକାରୀ ଚିହ୍ନଟ ହୁଏ ନାହିଁ, ସେଥିପାଇଁ ପଲ୍ଲୀସଭା ମାଧ୍ୟମରେ ଗ୍ରାମରେ ହେବାକୁ ଥିବା ପ୍ରକଳ୍ପ ସବୁ ସ୍ଥିର କରାଯାଏ ଓ ଏହା ଗ୍ରାମପଞ୍ଚାୟତ ଦ୍ୱାରା ଅନୁମୋଦିତ ହୋଇଥାଏ।

ଆବେଦନ ପ୍ରଣାଳୀ

ପଲ୍ଲୀସଭା ଦ୍ୱାରା ସ୍ଥିର ହୋଇଥିବା ଏବଂ ଗ୍ରାମପଞ୍ଚାୟତ ଦ୍ୱାରା ଅନୁମୋଦନ ହୋଇ ବ୍ଲକକୁ ଆସିଥିବା ଏହି ପ୍ରକଳ୍ପ ଗୁଡିକୁ ମଞ୍ଜୁରୀ ନିମନ୍ତେ ଜିଲ୍ଲାସ୍ତରୀୟ କମିଟିକୁ ପଠାଇ ଦିଆଯାଏ।

ସାହାଯ୍ୟର ପରିମାଣ

ଚିହ୍ନଟ କରାଯାଇଥିବା ୧୧ଟି ଜିଲ୍ଲାର ପ୍ରତ୍ୟେକ ରାଜସ୍ୱ ଗ୍ରାମକୁ ବିଜୁଳି, ସଡକ ଓ ପାଣିର ବ୍ୟବସ୍ଥା ନିମନ୍ତେ ନିମ୍ନ ପ୍ରକାରେ ଅନୁଦାନ ପ୍ରଦାନ କରାଯାଏ।

୫୦୦ ଲୋକସଂଖ୍ୟାରୁ କମ୍ ଥିବା ଗ୍ରାମକୁ ସବୁଠୁ ଅଧିକ ୨ ଲକ୍ଷ ଟଙ୍କା।

୫୦୦ରୁ ଅଧିକ କିନ୍ତୁ ୧ ହଜାରରୁ କମ୍ ଲୋକସଂଖ୍ୟା ଥିବା ଗ୍ରାମକୁ ସର୍ବାଧିକ ୩ ଲକ୍ଷ ଟଙ୍କା।

୧ ହଜାରରୁ ୨୫ ଶହ ଲୋକସଂଖ୍ୟା ଥିବା ଗ୍ରାମକୁ ସବୁଠୁ ଅଧିକ ୫ ଲକ୍ଷ ଟଙ୍କା।

୨୫ଶହରୁ ୫ ହଜାର ଲୋକସଂଖ୍ୟା ଥିବା ଗ୍ରାମକୁ ୭ ଲକ୍ଷ ଟଙ୍କା ।

୫ ହଜାରରୁ ଅଧିକ ଓ ୧୦ ହଜାର ଲୋକସଂଖ୍ୟା ଥିବା ଗ୍ରାମକୁ ୧୦ ଲକ୍ଷ ଟଙ୍କା ।

୧୦ ହଜାରରୁ ଉର୍ଦ୍ଧ୍ୱ ଲୋକସଂଖ୍ୟା ଥିବା ଗ୍ରାମକୁ ୧୫ ଲକ୍ଷ ଟଙ୍କା ।

ଏହି ଯୋଜନାର କାର୍ଯ୍ୟକାରିତା ପାଇଁ ୧୯୯୧ ମସିହା ବଦଳରେ ୨୦୦୧ ଜନଗଣନାକୁ ନେଇ ଗ୍ରାମର ଜନସଂଖ୍ୟାକୁ ବିଚାର କରାଯାଇଥାଏ। ଏକାଦଶ ପଞ୍ଚବାର୍ଷିକ ଯୋଜନାର ଶେଷସୁଦ୍ଧା ସମସ୍ତ ରାଜସ୍ୱ

ଗ୍ରାମକୁ ଏହି ଯୋଜନାର ଅନ୍ତର୍ଭୁକ୍ତ କରାଯିବାର ଲକ୍ଷ୍ୟ ରଖାଯାଇଛି ।

ସାହାଯ୍ୟକାରୀ ଅଧିକାରୀ

ପଞ୍ଚାୟତିରାଜ ବିଭାଗର ଏହି ଯୋଜନାକୁ ତ୍ୱରାନ୍ୱିତ କରିବା ପାଇଁ ଡି.ଆର୍.ଡି.ଏକୁ ଦାୟିତ୍ୱ ଅର୍ପଣ କରାଯାଇଛି ।

ଏହି ଯୋଜନାର ଫଳପ୍ରଦ କାର୍ଯ୍ୟକାରିତା ପାଇଁ ଜିଲ୍ଲାପାଳ ଓ ପ୍ରକଳ୍ପ ଅଧିକାରୀ ସିଧାସଳଖ ଦାୟୀ ରହିବେ ।

ଅଭିଯୋଗ ଦାଖଲ

ଗ୍ରାମ ସ୍ତରରେ ହେଉଥିବା କାର୍ଯ୍ୟରେ ଯଦି କୌଣସି ଅସୁବିଧା ପରିଲକ୍ଷିତ ହେଲା, ତେବେ ସିଧାସଳଖ ବି.ଡି.ଓ, ପ୍ରକଳ୍ପ ନିର୍ଦ୍ଦେଶକ ଓ ଜିଲ୍ଲାପାଳଙ୍କ ପାଖରେ ଅଭିଯୋଗ କରାଯାଇପାରିବ ।

ବିଶେଷ ସୂଚନା

ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲାର ସମସ୍ତ ସାଂସଦ, ବିଧାୟକ ଓ ଜିଲ୍ଲାପରିଷଦର ସଭାପତିଙ୍କୁ ନେଇ ଜିଲ୍ଲାସ୍ତରୀୟ କମିଟି ଗଠନ କରାଯାଇଛି । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଏହି କମିଟିର ସଭ୍ୟ ଆବାହକ ଅଟନ୍ତି । ସେ ଏହି ଯୋଜନାର ଅର୍ଥ ଉଠାଣ ଅଧିକାରୀ ଭାବେ ମଧ୍ୟ କାର୍ଯ୍ୟ କରିବେ ।

ପ୍ରକଳ୍ପ ଗୁଡିକ ମଞ୍ଜୁର ହେବାପରେ, ଯେଉଁ ପ୍ରକଳ୍ପ ଗୁଡିକ ଗୋଟିଏ ଆର୍ଥିକ ବର୍ଷର ଅନୁଦାନ ମଧ୍ୟରେ କରାଯାଇପାରିବ ବି.ଡି.ଓ ସେଗୁଡିକର ଅଟକଳ ପ୍ରସ୍ତୁତି କରିବେ । ଏଥିପାଇଁ ବି.ଡି.ଓ, ବ୍ଲକର ସହକାରୀ ଯନ୍ତ୍ରୀ, ବିଦ୍ୟୁତ ବିଭାଗୀୟ ଯନ୍ତ୍ରୀ, ଜଳସଂପଦ ବିଭାଗ ଅଧିକାରୀମାନଙ୍କ ସହିତ ଆବଶ୍ୟକୀୟ ପରାମର୍ଶ ଓ ସହାୟତା ନେବେ ।

ଏହି ପ୍ରକଳ୍ପଗୁଡିକର ପ୍ରଶାସନିକ ଓ ବୈଷୟିକ ମଞ୍ଜୁରୀ ସୀମା ଓ ନୀତିନିୟମ ପ୍ରଚଳିତ ଅନ୍ୟାନ୍ୟ ଯୋଜନା ଗୁଡିକ ସହ ସମାନ ରହିବ। ବିଦ୍ୟୁତୀକରଣ ବ୍ୟତୀତ କୌଣସି ପ୍ରକଳ୍ପର ଅଟକଳ ୫୦,୦୦୦ ଟଙ୍କାରୁ କମ୍ ହେବନାହିଁ। କୌଣସି କ୍ଷେତ୍ରରେ ପ୍ରକଳ୍ପ ତଦାରଖ ପାଇଁ ଦେୟ ଆଦାୟ କରାଯିବ ନାହିଁ।

ଜିଲ୍ଲା ଯୋଜନାରେ ଏହି ଯୋଜନାକୁ ଅନ୍ତର୍ଭୁକ୍ତ କରିବା ସମୟରେ ପ୍ରକଳ୍ପ ଗୁଡିକୁ ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ଯୋଜନା ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟକାରୀ କରାଯିବା ଆବଶ୍ୟକ।

ଏହି ଯୋଜନାରେ ଗାଁ ସ୍ତରରେ ଭିଜିଲାନ୍ସ ଓ ମନିଟରିଂ କମିଟି ଗଠନ କରାଯିବ। ସଂପାଦିତ ହୋଇଥିବା ପ୍ରକଳ୍ପର ସାମାଜିକ ସମୀକ୍ଷା କରିବାର ବ୍ୟବସ୍ଥା ରହିଛି। ଏହାଛଡା ଜିଲ୍ଲାପାଳମାନେ ନିଜେ ଓ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ଦ୍ୱାରା କରିବାକୁ ଥିବା କ୍ଷେତ୍ର ପରିଦର୍ଶନର ସମୟ ସାରଣୀ ସ୍ଥିର କରି ଯୋଜନାର କାର୍ଯ୍ୟକାରିତାକୁ ଅନୁଧ୍ୟାନ କରିବେ ଓ କ୍ରିୟାଶୀଳ କରାଇବେ।



ପଛୁଆ ଅଞ୍ଚଳ ଅନୁଦାନ ପାଣ୍ଠି

ଯୋଜନାର ଉଦ୍ଦେଶ୍ୟ

ବିକାଶ କ୍ଷେତ୍ରରେ ଆଞ୍ଚଳିକ ବୈଷମ ଦୂର କରି ପଛୁଆ ଅଞ୍ଚଳ ଗୁଡିକୁ ବିକାଶର ମୁଖ୍ୟ ସ୍ରୋତରେ ସାମିଲ କରିବାର ଲକ୍ଷ୍ୟ ନେଇ ପଛୁଆ ଅଞ୍ଚଳ ଅନୁଦାନ ପାଣ୍ଠି (ବି.ଆରଜିଏଫ୍) ଗଠନ କରାଯାଇଛି।

କେନ୍ଦ୍ର ସରକାରଙ୍କର ପଞ୍ଚାୟତିରାଜ ମନ୍ତ୍ରଣାଳୟ ୨୦୦୬-୦୭ ଆର୍ଥିକ ବର୍ଷରୁ ୨୦୧୧-୧୨ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଏହାକୁ କାର୍ଯ୍ୟକାରୀ କରିବେ।

ଏହି ଯୋଜନାରେ ଓଡିଶାର ୧୯ଟି ଅନଗ୍ରସର ଜିଲ୍ଲାକୁ ଅନ୍ତର୍ଭୁକ୍ତ କରାଯାଇଛି। ଯେଉଁଥିରେ ୨୦୫ଟି ବ୍ଲକ, ୩୬୭୨ଟି ପଞ୍ଚାୟତ ଓ ୭୦ଟି ପୌରାଞ୍ଚଳ ରହିଛି।

ଏହି ଜିଲ୍ଲା ଗୁଡିକ ହେଲା: ୧. ବଲାଙ୍ଗୀର, ୨. ବଉଦ ୩. ଦେବଗଡ, ୪. ଢେଙ୍କାନାଳ ୫. ଝାରସୁଗୁଡା ୬. କଳାହାଣ୍ଡି ୭. କୋରାପୁଟ ୮. ମାଲକାନ୍‌ଗିର ୯. ନବରଙ୍ଗପୁର ୧୦. ନୂଆପଡା ୧୧. କନ୍ଧମାଳ ୧୨. ରାୟଗଡା ୧୩. ସମ୍ବଲପୁର ୧୪. ସୋନପୁର ୧୫. ଗଂଜାମ ୧୬. ଗଜପତି ୧୭. ମୟୂରଭଞ୍ଜ ୧୮. କେନ୍ଦୁଝର ୧୯. ସୁନ୍ଦରଗଡ

ବର୍ତ୍ତମାନ ଚାଲୁ ରହିଥିବା ଅନ୍ୟାନ୍ୟ ଯୋଜନା ଦ୍ୱାରା ପୂରଣ ହୋଇପାରୁନଥିବା ଭିତ୍ତିଭୂମି ଓ ଅନ୍ୟାନ୍ୟ ବିକାଶମୂଳକ ଆବଶ୍ୟକତାକୁ ପୂରଣ କରିବା ଏହାର ମୁଖ୍ୟ ଲକ୍ଷ୍ୟ। ଏତଦ୍‌ବ୍ୟତୀତ ସ୍ଥାନୀୟ ଆବଶ୍ୟକତାକୁ

ଉପଲବ୍ଧି କରି ନିଜସ୍ୱ ସମ୍ବଳ ସୃଷ୍ଟିକରିବାରେ ପଞ୍ଚାୟତିରାଜ ସଂସ୍ଥା ଓ ସହରାଞ୍ଚଳ ସ୍ୱାୟତ୍ତଶାସନ ସଂସ୍ଥା ଗୁଡିକର ଦକ୍ଷତା ବୃଦ୍ଧି କରିବା ଦିଗରେ ମଧ୍ୟ ଗୁରୁତ୍ୱ ଆରୋପ କରାଯାଇଥାଏ ।

ସାହାଯ୍ୟର ପରିମାଣ

ପ୍ରତ୍ୟେକ ଜିଲ୍ଲା ଅତି କମ୍‌ରେ ପ୍ରତିବର୍ଷ ନିର୍ଦ୍ଧାରିତ ୧୦ କୋଟି ଟଙ୍କା ପାଇବେ ।

ସମସ୍ତ ପଛୁଆ ଜିଲ୍ଲାର ମୋଟ ଲୋକ ସଂଖ୍ୟାରୁ ସଂପୃକ୍ତ ଜିଲ୍ଲାର ଲୋକସଂଖ୍ୟା ଅନୁପାତରେ ବାକି ଅର୍ଥର ଶତକଡା ୫୦ ଭାଗ ଅର୍ଥକୁ ଜିଲ୍ଲାୱାରୀ ବଣ୍ଟନ କରାଯିବ ।

ଅବଶିଷ୍ଟ ଶତକଡା ୫୦ ଭାଗ ଅର୍ଥକୁ ମୋଟ ପଛୁଆ ଅଞ୍ଚଳ ଗୁଡିକର ଭୌଗଳିକ ଅଞ୍ଚଳକୁ ସଂପୃକ୍ତ ଜିଲ୍ଲାର ଭୌଗଳିକ ଅଞ୍ଚଳ ଅନୁପାତରେ ବଣ୍ଟନ କରାଯିବ ।

ସମସ୍ତ ପାଣ୍ଠିକୁ ରାଜ୍ୟ ସରକାରଙ୍କ ସନ୍ନିଳିତ ପାଣ୍ଠିକୁ ହସ୍ତାନ୍ତର କରାଯାଇଥାଏ।

ଏହାର ୧୫ ଦିନ ମଧ୍ୟରେ ଗ୍ରାମପଞ୍ଚାୟତ ଓ ପୌରପରିଷଦର ବ୍ୟାଙ୍କ ଜମାଖାତାରେ ସିଧାସଳଖ ପାଣ୍ଠିକୁ ଜମା କରି ଦିଆଯାଏ।

କାର୍ଯ୍ୟର ମଞ୍ଜୁରୀ ପରେ ପଞ୍ଚାୟତର ନିଷ୍ପତ୍ତି ଅନୁସାରେ ପୁରା ପଇସା କିମ୍ବା କିସ୍ତି ଅନୁସାରେ ପଇସା କାର୍ଯ୍ୟକାରୀ ସଂସ୍ଥାକୁ ଯୋଗାଇ ଦିଆଯାଇଥାଏ। ଯେଉଁ କାର୍ଯ୍ୟକାରୀ ସଂସ୍ଥା ପୂର୍ବରୁ ଦିଆଯାଇଥିବା ପଇସାର ଖର୍ଚ୍ଚର ହିସାବ ଏବଂ ବିନିଯୋଗ ପ୍ରମାଣ ପତ୍ର ଦେବାରେ ବିଫଳ ହୁଅନ୍ତି ତାଙ୍କୁ ଅନ୍ୟ କୌଣସି ନୂତନ କାମ କରିବାକୁ ସୁଯୋଗ ଦିଆଯାଏ ନାହିଁ ଏବଂ ଆଗକୁ ପଇସା ଦେବା ବନ୍ଦ କରାଯାଇଥାଏ। ଏହି ପାଣ୍ଠିର ଅର୍ଥ କୌଣସି ପରିସ୍ଥିତିରେ ମଧ୍ୟ ଅନ୍ୟ ଜିଲ୍ଲାକୁ ସ୍ଥାନାନ୍ତର କରିବାକୁ ଅନୁମତି ଦିଆଯିବ ନାହିଁ।

ସଂପୃକ୍ତ ଗ୍ରାମ ପଞ୍ଚାୟତ ବି.ଆର.ଜି.ଏଫ୍‌ରୁ ମିଳିଥିବା ପାଣ୍ଠିକୁ ଏକ ଜାତୀୟକରଣ ବ୍ୟାଙ୍କ କିମ୍ବା ପୋଷ୍ଟ ଅଫିସରେ ଏକ ଜମା ଖାତାରେ ଜମା ରଖିବେ। ଏଥିପାଇଁ ଯଦି ଏକ ପୃଥକ୍ ଜମା ଖାତା ଖୋଲାଯାଏ ତେବେ ଭଲ, କିନ୍ତୁ ଏ ନେଇ କୌଣସି ବାଧ୍ୟ ବାଧକତା ନାହିଁ। କିନ୍ତୁ ଏହି ପାଣ୍ଠିର ପରିଚାଳନା ପାଇଁ ଏକ ସ୍ୱତନ୍ତ୍ର ନଗଦ ଖାତା, ପଞ୍ଚାୟତକୁ ରଖିବାକୁ ପଡିବ।

ଏହି ଜମା ଟଙ୍କାରୁ ମିଳିଥିବା ସୁଧକୁ ବିଆରଜିଏଫ୍‌ର

ଅତିରିକ୍ତ ସମ୍ବଳଭାବେ କାର୍ଯ୍ୟକ୍ରମର ନିର୍ଦ୍ଦେଶାବଳୀ ଅନୁସାରେ ବିନିଯୋଗ କରାଯାଇପାରିବ।

ରାଜ୍ୟ ପଞ୍ଚାୟତିରାଜ ଆଇନର ପ୍ରାସଙ୍ଗିକ ବ୍ୟବସ୍ଥା ଅଧିନରେ ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଅର୍ଥ ଓ ହିସାବ ଆଇନ ଅନୁସାରେ, ପଞ୍ଚାୟତ ଓ ପୌର ପରିଷଦଗୁଡିକ ଏହି ଜମାଖାତାରୁ ଟଙ୍କା ବାହାର କରି ପାରିବେ। କାର୍ଯ୍ୟକାରୀ ସଂସ୍ଥାକୁ ଚେକ୍ ଜରିଆରେ ଟଙ୍କା ଦେୟ କରାଯିବ। ଏହି ଜମାଖାତାରୁ ଅନ୍ୟ କୌଣସି କାର୍ଯ୍ୟ ପାଇଁ ପଇସା ବାହାର କରାଯାଇ ପାରିବ ନାହିଁ।

ଯୋଜନା ତିଆରି, କାର୍ଯ୍ୟକାରିତା, ମନିଟରିଂ, ହିସାବ ରଖିବା, ସ୍ୱଚ୍ଛତା ତଥା ଉତ୍ତରଦାୟିତ୍ୱ ବୃଦ୍ଧି କ୍ଷେତ୍ରରେ ଦକ୍ଷତା ବଢାଇବା ପାଇଁ ଏହି ପାଣ୍ଠିର ଅର୍ଥକୁ ବ୍ୟବହାର କରାଯିବ।

ପଞ୍ଚାୟତ ଓ ପୌରପରିଷଦ ଗୁଡିକୁ ଦିଆଯାଉଥିବା ନୀତି ନିର୍ଦ୍ଦେଶାବଳୀକୁ ସ୍ୱଚ୍ଛ ଭାବରେ ଅନୁସରଣ କରି ସମନ୍ୱିତ ବିକାଶ କ୍ଷେତ୍ରରେ ଦେଖା ଯାଉଥିବା ଶୂନ୍ୟ ସ୍ଥାନକୁ ପୂରଣ କରିବାକୁ ଏହି ପାଣ୍ଠି ବ୍ୟବହାର କରାଯିବ। ଏ କ୍ଷେତ୍ରରେ ସମସ୍ତ ଯୋଜନା ପ୍ରସ୍ତୁତିର ପ୍ରକ୍ରିୟା ସର୍ବସାଧାରଣଙ୍କ ସହଭାଗିତା ଜରିଆରେ ସ୍ଥିର କରାଯିବ।

ସମ୍ବିଧାନର ଏକାଦଶ ଓ ଦ୍ୱାଦଶ ଅନୁଚ୍ଛେଦରେ ଦିଆଯାଇଥିବା ତାଲିକାର ଯେକୌଣସି କାମ ପାଇଁ ଗ୍ରାମ ପଞ୍ଚାୟତ ଓ ପୌର ପରିଷଦଗୁଡିକ, ନିଜ ନିଜ କ୍ଷେତ୍ରରେ ବିକାଶ ଦିଗରେ ଦେଖାଯାଉଥିବା ଶୂନ୍ୟତାର ପୂରଣ ପାଇଁ ଏହି ପାଣ୍ଠିରୁ ଅର୍ଥ ଖର୍ଚ୍ଚ କରାଯାଇ ପାରିବନାହିଁ। ତଫସିଲଭୁକ୍ତ ଜାତି ଓ ଉପଜାତିର ଲୋକଙ୍କ ପାଇଁ ପୃଥକ ଭାବେ ଚିହ୍ନଟ କରାଯାଇଥିବା ପାଣ୍ଠିରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ ବି.ଆର.ଜି.ଏଫ୍ ପାଣ୍ଠିରୁ ଅର୍ଥ ବ୍ୟୟ କରାଯାଇ ପାରିବ ।

୧. ଗୋଷ୍ଠୀ କେନ୍ଦ୍ର

୨. ତଫସିଲଭୁକ୍ତ ଜାତି ଓ ଉପଜାତିର ପିଲାଙ୍କ ପାଇଁ ତିଆରି କରାଯାଇଥିବା ଇଣ୍ଟରମିଡିଏଟ୍ ମହାବିଦ୍ୟାଳୟ ଓ ଛାତ୍ରାବାସ

୩. ଗ୍ରାମାଞ୍ଚଳ ଖେଳପଡିଆ

୪. ଏହି ବର୍ଗର ବାଳିକାମାନଙ୍କ ପାଇଁ ମାଧ୍ୟମିକ ବିଦ୍ୟାଳୟ/ମହାବିଦ୍ୟାଳୟର ସ୍ଥାପନା ପାଇଁ ମର୍ଯ୍ୟାଦା ସମ୍ପନ୍ନ ଅଣ-ସରକାରୀ ସଂଗଠନ (ଏନ.ଜି.ଓ)କୁ ଏକକାଳୀନ ୨୦ ଲକ୍ଷ ଟଙ୍କାର ସହାୟତା ପ୍ରଦାନ

୫. ୨୦ ଜଣ କ୍ଷୁଦ୍ର/ନାମମାତ୍ର ତଫସିଲଭୁକ୍ତ ଜାତି ଓ ଉପଜାତିର କୃଷକମାନଙ୍କ ସ୍ୱୟଂ ସହାୟକ ଦଳକୁ ଟ୍ରାକ୍ଟର, ଟ୍ରଲି ଏବଂ କୃଷିଯନ୍ତ୍ରପାତି ଯୋଗାଣ ।

୬. ଏହି ବର୍ଗର ଗ୍ରାମାଞ୍ଚଳରେ ରହୁଥିବା ଶିକ୍ଷିତ ଯୁବକମାନଙ୍କୁ କମ୍ପ୍ୟୁଟର ଓ ମୋବାଇଲ ଫୋନ ମରାମତି ତଥା ଗାଡିଚାଳନା ଶିକ୍ଷା ପାଇଁ ତାଲିମ

୭. ଅର୍ଦ୍ଧ ସାମରିକ ବାହିନୀ ଓ ଅନ୍ୟ ନିରାପତ୍ତା ରକ୍ଷା ବାହିନୀରେ ଭର୍ତ୍ତି ହେବା ପାଇଁ ଆଗୁଆ ତାଲିମ

୮. ଦୋକାନ ଘର ତିଆରି ଓ ଆବଣ୍ଟନ ଆଦି । ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ସର୍ବଶିକ୍ଷା ଅଭିଯାନ, ମଧ୍ୟାହ୍ନଭୋଜନ, ପାନୀୟ ଜଳ ମିଶନ, ସମ୍ପୂର୍ଣ୍ଣ ପରିମଳ ଅଭିଯାନ, ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟମିଶନ, ସମନ୍ୱିତ ଶିଶୁ ବିକାଶ ସେବା ଭଳି ଜାତୀୟସ୍ତରର କାର୍ଯ୍ୟକ୍ରମ ଗୁଡିକରେ ସୃଷ୍ଟି ହେଉଥିବା ଶୂନ୍ୟତା ପୂରଣ ପାଇଁ ବି.ଆର.ଜି.ଏଫର ଅର୍ଥକୁ ବ୍ୟବହାର କରାଯାଇ ପାରିବ । ସ୍ଥାନୀୟ ଭିତ୍ତିଭୂମି ପ୍ରତିଷ୍ଠା ପାଇଁ ଭାରତ ନିର୍ମାଣ ଯୋଜନାରେ

ରହିଯାଇଥିବା ଗୁରୁତ୍ୱପୂର୍ଣ୍ଣ ଶୂନ୍ୟସ୍ଥାନ ପୂରଣ ପାଇଁ ପଞ୍ଚାୟତମାନେ ଚାହିଁଲେ ନିମ୍ନଲିଖିତ କାର୍ଯ୍ୟକ୍ରମଗୁଡିକରେ ମଧ୍ୟ ପଛୁଆ ଅଞ୍ଚଳ ବିକାଶ ପାଣ୍ଠିର ବିନିଯୋଗ କରିପାରିବେ।

ରାଜୀବଗାନ୍ଧୀ ଗ୍ରାମୀଣ ବିଦ୍ୟୁତୀକରଣ ଯୋଜନା ଓ କୃଷି ପାଇଁ ପମ୍ପସେଟକୁ ବିଦ୍ୟୁତ ସଂଯୋଗ ଯୋଗାଇ ଦେବାକୁ ପଞ୍ଚାୟତିରାଜ ଅନୁଷ୍ଠାନଗୁଡିକୁ ପ୍ରବର୍ତ୍ତାଯାଇ ପାରିବ।

ପାହାଡିଆ ଓ ଆଦିବାସୀ ବହୁଳ ଅଞ୍ଚଳ, ଯେଉଁଠି ପାରମ୍ପରିକ କୂଅ କିମ୍ବା ନଳକୂପ ପାଣି ଦେଇ ନ ପାରୁଛି, ସେଭଳି ସ୍ଥଳରେ ପାଇପ ଯୋଗେ ଜଳ ଯୋଗାଣ ଏବଂ ଯୋଗାଣରେ ଉନ୍ନତି ଆଣିବାକୁ ଉପଯୁକ୍ତ ଜ୍ଞାନକୌଶଳର ପ୍ରୟୋଗ ପାଇଁ ଗ୍ରାମ

ପଞ୍ଚାୟତଗୁଡିକ ବି.ଆର.ଜି.ଏଫ ପାଣ୍ଠିରୁ ଅର୍ଥ ଖର୍ଚ୍ଚ କରିପାରିବେ।

ଯଦି କୌଣସି ଜିଲ୍ଲା ଯୋଜନା କମିଟି ନିଜ ଜିଲ୍ଲାକୁ ବାସଗୃହର ସମସ୍ୟାରୁ ମୁକ୍ତ କରିବାକୁ ଚାହାଁନ୍ତି ଏବଂ ପଞ୍ଚାୟତିରାଜ ସଂସ୍ଥାଗୁଡିକ ଏହାକୁ ଅଗ୍ରାଧିକାର ଦିଅନ୍ତି, ତେବେ ଗ୍ରାମାଞ୍ଚଳ ବାସଗୃହ ନିର୍ମାଣ ପାଇଁ ମଧ୍ୟ ଏହି ପାଣ୍ଠିରୁ ଅର୍ଥ ଖର୍ଚ୍ଚ କରାଯାଇପାରିବ।

ନୂଆ ଅଙ୍ଗନୱାଡି କେନ୍ଦ୍ର ଗୃହ ନିର୍ମାଣ(ଆଗରୁ ନଥିବା) ନିଶ୍ଚିତ ଗ୍ରାମୀଣ କର୍ମନିଯୁକ୍ତି ଯୋଜନା ଅଧିନରେ ଜଳାଶୟ ନିର୍ମାଣ କାର୍ଯ୍ୟରେ ଟାଣ ଓ ପଥୁରିଆ ମାଟି ଉଠେଇବା ପାଇଁ ବ୍ୟବହାର କରାଯାଉଥିବା ମେସିନର ଖର୍ଚ୍ଚକୁ ଏହି ପାଣ୍ଠିରୁ ବହନ କରାଯାଇପାରିବ।

ଅଭିଯୋଗ ଦାଖଲ

ସାଧାରଣତଃ ବି.ଆର.ଜି.ଏଫ ପାଣ୍ଠି ଗ୍ରାମାଞ୍ଚଳରେ ପଞ୍ଚାୟତ ସମିତି ଓ ଲାଇନ ଡିପାର୍ଟମେଣ୍ଟ ମାଧ୍ୟମରେ କାର୍ଯ୍ୟକାରୀ ହୋଇଥାଏ। ତେଣୁ ଯେକୌଣସି କାର୍ଯ୍ୟ ସମ୍ବନ୍ଧୀୟ ଅଭିଯୋଗ ଦାଖଲ କରିବାକୁ ହେଲେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ଦାଖଲ କରାଯାଇ ପାରିବ ।

ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା

ଯୋଜନାର ଉଦ୍ଦେଶ୍ୟ

ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ ସେପ୍ଟେମ୍ବର ୫, ୨୦୦୫ ମସିହାରେ ଭାରତର ମାନ୍ୟବର ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରି ସେହି ମାସ ୭ ତାରିଖରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରାଗଲା।

ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍‌ର ଉଦ୍ଦେଶ୍ୟ ହେଲା- ଗ୍ରାମାଞ୍ଚଳର ଯେକୌଣସି ପରିବାରର ଅଣକୁଶଳୀ କାମ କରିବାକୁ ଇଚ୍ଛୁକ ବୟସ୍କ ସଦସ୍ୟମାନଙ୍କୁ ଗୋଟିଏ ଆର୍ଥିକ ବର୍ଷରେ ଅତିକମ୍‌ରେ ୧୦୦ ଦିନର କାମ ଯୋଗାଇ ଦେବା। ଏହା ଦ୍ୱାରା ଗ୍ରାମରେ ଉତ୍ପାଦନକ୍ଷମ ସଂସାଧନ ସୃଷ୍ଟି ହେବା ସହ ପରିବେଶର ସୁରକ୍ଷା, ଗ୍ରାମୀଣ ମହିଳାମାନଙ୍କ ସଶକ୍ତିକରଣ, କାମ ପାଇଁ ଗ୍ରାମାଞ୍ଚଳରୁ ସହରାଞ୍ଚଳକୁ ଲୋକମାନଙ୍କର ପଳାୟନକୁ ନିୟନ୍ତ୍ରଣ କରିବା, ସାମାଜିକ ସମାନତା ସୃଷ୍ଟି ଓ ଗ୍ରାମୀଣ ଅର୍ଥନୈତିକ ଉନ୍ନତି ହୋଇଥାଏ।

କାମ ଯୋଗାଇ ଦେବା ପାଇଁ ଆବେଦନ କରିବାର ତାରିଖ ଠାରୁ ୧୫ ଦିନ ମଧ୍ୟରେ କାମ ଦିଆ ନଗଲେ, ଆଇନ୍‌ର ବ୍ୟବସ୍ଥା ଅନୁସାରେ ଆବେଦନକାରୀକୁ ରାଜ୍ୟ ସରକାର ବେରୋଜଗାର ଭତ୍ତା ଯୋଗାଇ ଦେବେ। କୌଣସି ଜିଲ୍ଲାରେ ଆଇନର କାର୍ଯ୍ୟକାରିତା ପାଇଁ ବିଜ୍ଞପ୍ତି



ଜାରି କରାଯିବା ପରଠାରୁ ଏହି ବ୍ୟବସ୍ଥା ଲାଗୁହେବ।

ଏହି ଆଇନର ଧାରା ୨ (୫) ଅନୁସାରେ ବେରୋଜଗାର ଭତ୍ତା ଦେୟ ଲାଗୁହେବାର ୧୫ ଦିନ ମଧ୍ୟରେ ଭତ୍ତା ପୈଠ କରାଯିବା ଉଚିତ। ଯଦି ରୋଜଗାର ଭତ୍ତା ଦେବାରେ ବିଳମ୍ବ ହୁଏ ତେବେ ଲାଗୁ ହେବା ଦିନଠାରୁ ମଜୁରୀ ପୈଠ ଆଇନ୍ ୧୯୩୬ର ବ୍ୟବସ୍ଥା ଅନୁସାରେ ଦାବିଦାରକୁ ଭତ୍ତା ବାହାରେ କ୍ଷତିପୂରଣ ମଧ୍ୟ ଦେବାକୁ ପଡିବ। ଏହି କ୍ଷତିପୂରଣ ବାବଦ ପଇସା ରାଜ୍ୟ ସରକାରଙ୍କୁ ବହନ କରିବାକୁ ହେବ।

ଆଇନର ଅନୁଚ୍ଛେଦ ୨ ଧାରା ୨୭ ଓ ୨୮ ଅନୁସାରେ କାର୍ଯ୍ୟକ୍ଷେତ୍ରରେ ଚିକିତ୍ସା ସହାୟତା, ପିଇବା ପାଣି, ଛାଇର ବ୍ୟବସ୍ଥା ଏବଂ କାର୍ଯ୍ୟସ୍ଥଳରେ ଶ୍ରମିକମାନଙ୍କ ୬ ବର୍ଷରୁ

କମ୍ ବୟସର ୫ ଜଣ ଶିଶୁ ଥିଲେ ସେମାନଙ୍କ ପାଇଁ କ୍ରେଚ୍ ବା ଶିଶୁଯତ୍ନ କେନ୍ଦ୍ରର ବ୍ୟବସ୍ଥା କାର୍ଯ୍ୟକାରୀ ସଂସ୍ଥା କରିବେ।

କାର୍ଯ୍ୟ ସ୍ଥଳରେ ୬ ବର୍ଷରୁ କମ୍ ବୟସ୍କ ୫ ଜଣ ଶିଶୁ ଉପସ୍ଥିତ ଥିଲେ ସେମାନଙ୍କ ଯତ୍ନ ନେବାକୁ ଜଣେ ବ୍ୟକ୍ତି (ସାଧାରଣଭାବେ ମହିଳା)ଙ୍କୁ ନିୟୋଜିତ କରାଯିବ। ତାକୁ ଯଥାରୀତି ମଜୁରୀ ଦେବାର ବ୍ୟବସ୍ଥାକୁ କାର୍ଯ୍ୟକ୍ରମର ଖର୍ଚ୍ଚରେ ସାମିଲ କରାଯିବ।

ସେହିପରି କାର୍ଯ୍ୟ କରୁଥିବା ବ୍ୟକ୍ତି ପ୍ରାଣ ହରାଇଲେ କିମ୍ବା କାର୍ଯ୍ୟ କରୁଥିବା ସମୟରେ ସ୍ଥାୟୀ ରୂପରେ ଅକ୍ଷମ ହେଲେ, ତାଙ୍କୁ କାର୍ଯ୍ୟକାରୀ ସଂସ୍ଥା ତରଫରୁ ୨୫ ହଜାର



ଟଙ୍କା ଅନୁଦାନ ରାଶି କିମ୍ବା ଏ ବାବଦରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଘୋଷିତ ଅର୍ଥ, ମୃତ ଶ୍ରମିକ କିମ୍ବା ଅକ୍ଷମ ଶ୍ରମିକଙ୍କ ଆଇନ ସଂଗତ ଉତ୍ତରାଧିକାରୀଙ୍କୁ ପ୍ରଦାନ କରାଯିବ।

ଏହି ଆଇନ ବଳରେ ପୁରୁଷ ହୁଅନ୍ତୁ କିମ୍ବା ମହିଳା ହୁଅନ୍ତୁ, ଯିଏ କାମ କରିବେ ସେମାନଙ୍କୁ ସମାନ ମଜୁରୀ ପ୍ରଦାନ କରାଯିବ।

ହିତାଧିକାରୀଙ୍କ ଯୋଗ୍ୟତା ଅଣକୁଶଳୀ କାମ କରିବାକୁ ଚାହୁଁଥିବା ପ୍ରତ୍ୟେକ ପରିବାରର ବୟସ୍କ ପୁରୁଷ ଓ ମହିଳା ।

ଆବେଦନ ପ୍ରଣାଳୀ ସାଧାକାଗଜରେ କିମ୍ବା ସରକାରୀ ଫର୍ମରେ ଲିଖିତ ଆକାରରେ ପଞ୍ଜିକରଣ ପାଇଁ ଗ୍ରାମ ପଞ୍ଚାୟତରେ ଆବେଦନ କରାଯାଇ ପାରିବ।

ଏଥିରେ ପରିବାରର କାମ କରିବାକୁ ଇଚ୍ଛୁକ ବୟସ୍କ ବ୍ୟକ୍ତିମାନଙ୍କ ନାମ, ବୟସ, ଲିଙ୍ଗ ଏବଂ ତଫସିଲଭୁକ୍ତ ଜାତି ଓ ଉପଜାତି କି ନୁହଁନ୍ତି ଆଦି ବିଷୟ ଦର୍ଶାଇବାକୁ ପଡିଥାଏ।

ରାଜ୍ୟ ସରକାର ଚାହିଁଲେ ଦରଖାସ୍ତ ପାଇଁ ଏକ ଛପା ନମୁନା ପ୍ରସ୍ତୁତ କରିପାରିବେ ହେଲେ ସେହି ଦରଖାସ୍ତ ଫର୍ମରେ ହିଁ ଆବେଦନ କରିବାକୁ ବାଧ୍ୟ କରି ପାରିବେ ନାହିଁ।

ଜଣେ ଆଗ୍ରହୀ ଶ୍ରମିକ ବ୍ୟକ୍ତିଗତଭାବେ ଗ୍ରାମପଞ୍ଚାୟତରେ ଉପସ୍ଥିତ ରହି, ମୌଖିକ ରୂପେ ପଞ୍ଜିକରଣ କରିବାକୁ ଅନୁରୋଧ କରିପାରିବେ।

ଦରଖାସ୍ତ ତନଖି ସମୟରେ ଆବେଦନକାରୀ ସଂପୃକ୍ତ

ଗ୍ରାମପଞ୍ଚାୟତର ଅଧିବାସୀ କି ନୁହନ୍ତି, ତାଙ୍କ ପରିବାର ଅଛି କି ନାହିଁ ଏବଂ ଆବେଦନକାରୀମାନେ ବୟସ୍କ ବ୍ୟକ୍ତି କି ନୁହଁନ୍ତି ଆଦି ବିଷୟକୁ ପରୀକ୍ଷା କରି ଦେଖାଯାଇଥାଏ।

ଆବେଦନ କରିବାର ଢଙ୍ଗ ଯାହା ହେଉ ନା କାହିଁକି, ଏନଆରଇଜିଏସ୍ ଲାଗୁହେବା ପରେ ପରେ ସଂପୃକ୍ତ ଅଞ୍ଚଳର ଗ୍ରାମପଞ୍ଚାୟତ ଗୁଡିକରେ ଲୋକମାନଙ୍କୁ ଆଇନର ବ୍ୟବସ୍ଥା ସଂପର୍କରେ ବୁଝାଇବା, ପଞ୍ଜିକରଣ ପାଇଁ ଆବେଦନ ଗ୍ରହଣ କରିବା ତଥା ତାକୁ ଯାଞ୍ଚ କରିବା ଆଦି କାର୍ଯ୍ୟ ପାଇଁ ଏକ ଗ୍ରାମସଭା ଡକାଯିବା ଦରକାର।

ଆଇନ ଅଧିନରେ ପଞ୍ଜିକରଣ ପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କୁ ଚିହ୍ନଟ କରିବା ପାଇଁ ଘରକୁ ଘର ବୁଲି ସର୍ବେକ୍ଷଣ ମଧ୍ୟ କରାଯାଇ ପାରିବ। ସରପଞ୍ଚ, ୱାର୍ଡମେମ୍ବର, ତଫସିଲଭୁକ୍ତ ଜାତି ଓ ଉପଜାତି ତଥା ମହିଳା ବର୍ଗର ଗ୍ରାମବାସୀ, ଗ୍ରାମସ୍ତରୀୟ କୌଣସି ସରକାରୀ କର୍ମଚାରୀ ଏବଂ ଗ୍ରାମପଞ୍ଚାୟତର ସେକ୍ରେଟାରୀଙ୍କୁ ନେଇ ଗଠିତ ଏକ ଗ୍ରାମସ୍ତରୀୟ ଦଳ ଦ୍ୱାରା ଏହି ସର୍ବେକ୍ଷଣ କରାଯିବା ଉଚିତ।

କାମ ପାଇଁ ଗାଁ ଛାଡି ବାହାରକୁ ଯାଉଥିବା ଲୋକଙ୍କୁ ସବୁଠୁ ଅଧିକ ସୁବିଧା ଦେବାକୁ ପଡ଼ିବ। ପଞ୍ଚାୟତର କାର୍ଯ୍ୟ ସମୟ ମଧ୍ୟରେ ପଞ୍ଜିକରଣ କରିବାକୁ କାର୍ଯ୍ୟାଳୟ ବର୍ଷ ସାରା ଖୋଲା ରଖାଯିବା ଦରକାର।

ଦରଖାସ୍ତ ଗୁଡିକର ତଦାରଖ କାର୍ଯ୍ୟରେ ଆଦୌ ବିଳମ୍ବ ହେବା ଉଚିତ ନୁହେଁ।

ତଦାରଖ କାର୍ଯ୍ୟ ଶେଷ ହେଲାପରେ ଗ୍ରାମ ପଞ୍ଚାୟତର ପଞ୍ଜିକରଣ ଖାତାରେ ଦରଖାସ୍ତକାରୀଙ୍କ ପୁରା ବିବରଣୀକୁ ଲିଖିତ ଆକାରରେ ରଖାଯିବ।

ଚିହ୍ନଟ ପ୍ରକ୍ରିୟା

ପଞ୍ଜିକରଣ କରିଥିବା ପ୍ରତ୍ୟେକ ପରିବାରକୁ ଗ୍ରାମ

ପଞ୍ଚାୟତ ତରଫରୁ ଜବ୍‌କାର୍ଡ ଦିଆଯିବ। ଏଥିରେ ସେ ପରିବାରର ବିବରଣୀ ଥିବ।

ତଦାରଖ କାର୍ଯ୍ୟ ପୁରା ହେବାପରେ ଉକ୍ତ ପରିବାରକୁ ଜବ୍‌କାର୍ଡ ତୁରନ୍ତ ପ୍ରଦାନ କରାଯିବ।

କାର୍ଯ୍ୟପତ୍ର ବା ଜବ୍‌କାର୍ଡରେ ଦରଖାସ୍ତକାରୀ ପରିବାରର ବୟସ୍କ ବ୍ୟକ୍ତିମାନଙ୍କ ଫଟୋ ଲାଗି ରହିବା ଉଚିତ। କାର୍ଯ୍ୟପତ୍ର ଓ ଫଟୋ ଉଠାଇବା ପାଇଁ ହେଉଥିବା ଖର୍ଚ୍ଚ

କାର୍ଯ୍ୟକ୍ରମର ଖର୍ଚ୍ଚରୁ ଭରଣା କରାଯିବ। କୌଣସି ଅଞ୍ଚଳରେ ତୁରନ୍ତ ଫଟୋ ଲଗାଯିବାର ବ୍ୟବସ୍ଥା ହୋଇନପାରିଲେ, ତିନିମାସ ଭିତରେ କାର୍ଯ୍ୟପତ୍ରରେ ଫଟୋ ଲଗାଇବାକୁ ରାଜ୍ୟସରକାର ନିର୍ଦ୍ଦେଶ ଦେଇପାରିବେ।

ସାହାଯ୍ୟର ପରିମାଣ

ମଜୁରୀ ଦେବା ବେଳେ ୭ ଘଣ୍ଟା କାମ ପାଇଁ ନିର୍ଦ୍ଧାରିତ ଦରର ହାର ନ୍ୟୁନତମ ମଜୁରୀ ସହ ସମାନ ହେବା ଉଚିତ । କେବଳ୭ ଘଣ୍ଟା ସମୟକୁ ଆଖିରେ ନ ରଖି କାର୍ଯ୍ୟର ପରିମାଣ ଓ ଗୁଣାତ୍ମକ ମାନକୁ ମଧ୍ୟ ବିଚାରକୁ ନିଆଯିବ।

ଜଣେ ବ୍ୟକ୍ତି ଏକକାଳୀନ ୧୪ ଦିନ କାର୍ଯ୍ୟ କରିବା ଦରକାର, ତେବେ ପ୍ରତି ସପ୍ତାହରେ ୬ ଦିନ କାମ ଦିଆଯିବ।

ଶ୍ରମିକମାନଙ୍କୁ ଦୈନିକ ବା ସାପ୍ତାହିକ ମଜୁରୀ ଦିଆଯାଇପାରେ କିନ୍ତୁ କୌଣସି କ୍ଷେତ୍ରରେ ଏହି ମଜୁରୀ ଦେବାରେ ୧୫ ଦିନଠାରୁ ଅଧିକ ହେବ ନାହିଁ।

ବର୍ତ୍ତମାନର ଅଣକୁଶଳୀ କାମ ପାଇଁ ସ୍ତ୍ରୀ, ପୁରୁଷ ନିର୍ବିଶେଷରେ ଦୈନିକ ମଜୁରୀ ୯୦ଟଙ୍କା ।

ଭିନ୍ନ ଭିନ୍ନ ସମୟରେ ସରକାର ସର୍ବନିମ୍ନ ମଜୁରୀ ସ୍ଥିର କରୁଛନ୍ତି। ଏନ୍.ଆର୍.ଇ.ଜି.ଏସ୍ କାମ ପାଇଁ ସରକାର ଘୋଷଣା କରିଥିବା ମଜୁରୀରୁ କେହି କମ୍ ପାଇବେ ନାହିଁ। ଏହି ମଜୁରୀ ସମାନ ରୂପେ ଉଭୟ ସ୍ତ୍ରୀ ଓ ପୁରୁଷ

ପାଇବେ।

ବର୍ତ୍ତମାନ ୧୦୦ ଘନଫୁଟ ମାଟି କାମ ପାଇଁ ନିମ୍ନମତେ ମଜୁରୀ ପ୍ରଦାନ କରାଯାଉଅଛି।

ସାଧାରଣ ମାଟି	-	ଟ. ୧୨୦.୦୦
ଟାଣ ମାଟି	-	ଟ. ୧୬୦.୦୦
ପଥୁରିଆ ମାଟି	-	ଟ. ୨୫୦.୦୦

ଅଭିଯୋଗ ଦାଖଲ

ବ୍ଲକ ସ୍ତରରେ ବିଡ଼ିଓ ଓ ଜିଲ୍ଲା ସ୍ତରରେ ଜିଲ୍ଲାପାଳଙ୍କ ପାଖରେ ଅଭିଯୋଗ ଦାଖଲ କରାଯାଇ ପାରିବ ।

ସ୍ୱର୍ଣ୍ଣଜୟନ୍ତୀ ଗ୍ରାମ ସ୍ୱରୋଜଗାର ଯୋଜନା

ଯୋଜନାର ଉଦ୍ଦେଶ୍ୟ

ଗ୍ରାମସ୍ତରରେ ଗରିବ ଲୋକଙ୍କ ସଂଗଠନ ଜରିଆରେ ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ହ୍ରାସ କରିବା ଲକ୍ଷ୍ୟ ନେଇ ସ୍ୱର୍ଣ୍ଣ ଜୟନ୍ତୀ ଗ୍ରାମ ସ୍ୱରୋଜଗାର ଯୋଜନା (ଏସ.ଜି.ଏସ.ୱାଇ)କୁ କାର୍ଯ୍ୟକାରୀ କରାଯାଉଛି । ଏକ ନୂତନ ଆତ୍ମ ନିଯୁକ୍ତି କାର୍ଯ୍ୟକ୍ରମ ଭାବରେ ୧୯୯୯ ମସହା ଏପ୍ରିଲ ୧ ତାରିଖରୁ ସ୍ୱର୍ଣ୍ଣ ଜୟନ୍ତୀ ସ୍ୱରୋଜଗାର ଯୋଜନାକୁ କାର୍ଯ୍ୟକାରୀ କରାଯାଉଛି । ଏହା ଫଳରେ ପୂର୍ବରୁ ଅନୁରୂପ ଲକ୍ଷ୍ୟ ନେଇ କାର୍ଯ୍ୟକାରୀ କରାଯାଉଥିବା, ସମନ୍ୱିତ ଗ୍ରାମାଞ୍ଚଳ ବିକାଶ କାର୍ଯ୍ୟକ୍ରମ (ଆଇ.ଆର.ଡି.ପି.), ଆତ୍ମନିଯୁକ୍ତି ପାଇଁ ଗ୍ରାମାଞ୍ଚଳ ଯୁବକମାନଙ୍କ ତାଲିମ କାର୍ଯ୍ୟକ୍ରମ (ଟ୍ରାଇଜମ୍) ଗ୍ରାମାଞ୍ଚଳରେ ମହିଳା ଓ ଶିଶୁ ବିକାଶ କାର୍ଯ୍ୟକ୍ରମ (ଡ୍ୱାକ୍ରା) କୁ ସଂପୂର୍ଣ୍ଣ ଭାବେ ବନ୍ଦ କରି ଦିଆଯାଇଛି ।

ହିତାଧିକାରୀଙ୍କ ଯୋଗ୍ୟତା

ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ଲୋକେ ଏହି ଯୋଜନାର ହିତାଧିକାରୀ ହୋଇପାରିବେ । ଲକ୍ଷ୍ୟ ରଖାଯାଇ ଦଳଗୁଡିକ ମଧ୍ୟରେ ଅସୁରକ୍ଷିତ ତଫସିଲଭୁକ୍ତ ଜାତି ଓ ଉପଜାତି ପାଇଁ ଶତକଡା ୫୦ ଭାଗ, ମହିଳାମାନଙ୍କ ପାଇଁ ଶତକଡା ୪୦ ଭାଗ ଏବଂ ଅକ୍ଷମ ବ୍ୟକ୍ତିମାନଙ୍କ ପାଇଁ ଶତକଡା ୩ଭାଗ ସ୍ଥାନ ସଂରକ୍ଷିତ ରଖାଯାଇ ସେମାନଙ୍କର ସ୍ୱାର୍ଥର ସୁରକ୍ଷା କରାଯାଇଛି ।

ଯୋଜନାର କାର୍ଯ୍ୟକାରିତା

ଏଥିରେ କାର୍ଯ୍ୟପୁଞ୍ଜି ତିଆରି ଉପରେ ଗୁରୁତ୍ୱ ଦିଆଯାଇଥାଏ । ଏଥିପାଇଁ ପ୍ରତ୍ୟେକ ବ୍ଲକରେ ଗୋଟିଏ କିମ୍ବା ଦୁଇଟି ମଧ୍ୟ କାର୍ଯ୍ୟକଳାପକୁ ଚିହ୍ନଟ କରାଯାଇଥାଏ ।

ପ୍ରତ୍ୟେକ ମୁଖ୍ୟ କାର୍ଯ୍ୟକଳାପକୁ ଏକ ପ୍ରକଳ୍ପର ରୂପରେଖ ଦିଆଯାଇଥାଏ ଏବଂ ପ୍ରତିଟି ମୁଖ୍ୟ କାର୍ଯ୍ୟକଳାପ ପାଇଁ ଏକ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରାଯାଇଥାଏ । ଏହି ପ୍ରକଳ୍ପ ଗୁଡିକ ପାଇଁ ଯେଭଳି ଯଥେଷ୍ଟ ଆର୍ଥିକ ସହାୟତାର ବ୍ୟବସ୍ଥା ହୋଇପାରିବ ଏବଂ ଏଥିପାଇଁ ଋଣ ପାଇବାରେ ବିଳମ୍ବ ନହେବା, ସେଥିପାଇଁ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତି ସମୟରେ ହିଁ ବ୍ୟାଙ୍କ ଏବଂ ଆର୍ଥିକ ଅନୁଷ୍ଠାନଗୁଡିକୁ ଅତି ନିକଟରୁ ସାମିଲ କରାଯାଇଥାଏ ।

ଏହି ଏସଜିଏସଏୱାଇ ଯୋଜନାରେ ବ୍ଲକ ତରଫରୁ ଚିହ୍ନଟ କରାଯାଇଥିବା ବିଭିନ୍ନ ପ୍ରକାର ପ୍ରକଳ୍ପ ନିମନ୍ତେ ଋଣ ବ୍ୟବସ୍ଥା, ସେମାନଙ୍କର ଦକ୍ଷତା ବୃଦ୍ଧି, ଭିତ୍ତିଭୂମି ପ୍ରସ୍ତୁତି, ବଜାର ସୁବିଧା ପ୍ରଭୃତି ଉପରେ ସ୍ୱୟଂସହାୟିକା ଦଳମାନଙ୍କୁ ତାଲିମ ପ୍ରଦାନ କରାଯାଇଥାଏ ।

✖ ✖ ✖


ଗ୍ରାମ୍ୟ
ଉନ୍ନୟନ

ବ୍ୟକ୍ତିଗତ ପାଇଖାନା ଯୋଜନା

ଯୋଜନାର ଉଦ୍ଦେଶ୍ୟ	ସମସ୍ତ ବି.ପି.ଏଲ ପରିବାର ମାନଙ୍କ ପାଇଁ ରିହାତି ସହ ବ୍ୟକ୍ତିଗତ ସାନିଟାରୀ ପାଇଖାନା ନିର୍ମାଣ । ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଭାରତ ସରକାର ଓ ଗ୍ରାମ୍ୟ ଉନ୍ନୟନ ବିଭାଗ (ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ଉପ ବିଭାଗ) ଦ୍ୱାରା ସଂପୂର୍ଣ୍ଣ ପରିମଳ ଅଭିଯାନ ୨୦୧୧ ମସିହା ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ ।
ହିତାଧିକାରୀଙ୍କ ଯୋଗ୍ୟତା	୧୯୯୭ ମସିହା ବି.ପି.ଏଲ. ତାଲିକାରେ ନାମ ଅନ୍ତର୍ଭୁକ୍ତ ହୋଇଥିବ ଏବଂ ତାଙ୍କର ପାଇଖାନା ତିଆରି ପାଇଁ ୧୫ ବର୍ଗ ଫୁଟର ଯାଗା ଥିବ ।
ଆବେଦନ ପ୍ରଣାଳୀ	ଏକ ସାଧା କାଗଜରେ ସଂପୃକ୍ତ ସରପଞ୍ଚଙ୍କୁ ଦରଖାସ୍ତ ଦିଆଯିବ ।
ଚିହ୍ନଟ ପ୍ରକ୍ରିୟା	ଗ୍ରାମ ପଞ୍ଚାୟତ ଦ୍ୱାରା ଚିହ୍ନଟ କରାଯିବ ।
ସାହାଯ୍ୟର ପରିମାଣ	ସଂପୂର୍ଣ୍ଣ ହେବା ପାଇଁ ବ୍ୟକ୍ତିଗତ ପାଇଖାନା ନିମିତ୍ତ ଯାହା ଖର୍ଚ୍ଚ ହେବ, ହିତାଧିକାରୀ ନିଜେ ଖର୍ଚ୍ଚ କରିବ କିନ୍ତୁ ଟ୨୨୦୦.୦୦ ସରକାରଙ୍କ ତରଫରୁ ସାହାଯ୍ୟ ଦିଆଯିବ ।
ସାହାଯ୍ୟକାରୀ ଅଧିକାରୀ	ବ୍ଲକ୍ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ।
ଅଭିଯୋଗ ଦାଖଲ	ଯଦି ଗ୍ରାମ ପଞ୍ଚାୟତର ସରପଞ୍ଚ ଦରଖାସ୍ତ ଗ୍ରହଣ

କରିବାରେ ବିଳମ୍ବ କରନ୍ତି, କନିଷ୍ଠ ଯନ୍ତ୍ରୀ ରିହାତି ପ୍ରଦାନରେ ଟାଳଟୁଳ ନୀତି ଅବଲମ୍ବନ କରନ୍ତି ତାହେଲେ ନିର୍ବାହୀ ଯନ୍ତ୍ରୀ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗଙ୍କ ନିକଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରାଯିବ।

ମନ୍ତବ୍ୟ

ଯୋଗାଯୋଗ ନିମନ୍ତେ ଶୁଳ୍କ ବିହୀନ ଟେଲିଫୋନ ନଂ - ୧୮୦୦-୩୪୫୬୭୭୦



ସଂପୂର୍ଣ୍ଣ ପରିମଳ ଅଭିଯାନ

ଯୋଜନାର ଉଦ୍ଦେଶ୍ୟ

ଏହା ଏକ ସାମୁହିକ ଯୋଜନା ଏହାର ଉଦ୍ଦେଶ୍ୟ ସବୁ ହେଲା :

ଗ୍ରାମାଞ୍ଚଳରେ ସାଧାରଣ ଜୀବନ ଯାପନର ମାନରେ ଉନ୍ନତି ଆଣିବା ।

ଗ୍ରାମାଞ୍ଚଳରେ ପରିମଳ ସଂକ୍ରାନ୍ତ ସଚେତନାକୁ ବୃଦ୍ଧି କରିବା ।

ସ୍ୱାସ୍ଥ୍ୟ ଶିକ୍ଷା ଓ ସଚେତନତା ସୃଷ୍ଟି କରି ଲୋକଙ୍କ ମନରେ ପରିମଳଗତ ସୁବିଧା ସୁଯୋଗ ହାସଲ କରିବାକୁ ଆଗ୍ରହ ସୃଷ୍ଟି କରିବା ।

ଗ୍ରାମାଞ୍ଚଳରେ ଓ ବିଦ୍ୟାଳୟ ଓ ଅଙ୍ଗନୱାଡି ଗୁଡିକରେ ପରିମଳଗତ ସୁବିଧା ସୁଯୋଗ ଯୋଗାଇ ଛାତ୍ରଛାତ୍ରୀମାନଙ୍କୁ ସ୍ୱାସ୍ଥ୍ୟରକ୍ଷା ସମ୍ପର୍କୀୟ ଶିକ୍ଷା ଦେଇ, ସେମାନଙ୍କୁ ପରିମଳର ଅଭ୍ୟାସରେ ଅଭ୍ୟସ୍ତ କରାଇବା ।

ପରିଷ୍କାର ଓ ପରିଚ୍ଛନ୍ନତା ରକ୍ଷାର ଉପଯୁକ୍ତ ଓ କାର୍ଯ୍ୟକାରୀ ଜ୍ଞାନକୌଶଳର ଉପଯୋଗକୁ ଉତ୍ସାହିତ କରିବା ।

ପାନୀୟ ଜଳ ଓ ଖାଦ୍ୟ ସଂଗ୍ରହର ସ୍ରୋତକୁ ସଂକ୍ରମଣରୁ ରକ୍ଷା କରିବା ଲାଗି ବାହାରେ ଝାଡା ଯିବାର ଅଭ୍ୟାସକୁ ବନ୍ଦକରିବା ।

ଗ୍ରାମାଞ୍ଚଳରେ ଯେଉଁଠି ଏବେ ମଧ୍ୟ ମଣିଷ ଦ୍ୱାରା ମଳ ସଫା କରିବାର ବ୍ୟବସ୍ଥା ରହିଛି ତାକୁ ବନ୍ଦ କରି, ଶୁଖିଲା

ପାଇଖାନା ସ୍ଥାନରେ ଜଳ ଢାଳିବା ବ୍ୟବସ୍ଥା ଥିବା ପାଇଖାନାର ପ୍ରଚଳନ କରିବା ।

ସୂଚନା, ଶିକ୍ଷା ଓ ଯୋଗାଯୋଗ (ଆଇ.ଇ.ସି) ଉପରେ ଜୋର ଦେଇ ଓଡିଶାରେ ୨୯୯୨ ମସିହା ଏପ୍ରିଲ ମାସରେ ସଂପୂର୍ଣ୍ଣ ପରିମଳ ଅଭିଯାନକୁ ଆରମ୍ଭ କରାଯାଇଥିଲା । ଏ ବିଷୟ ପ୍ରତି ଲୋକଙ୍କ ଚାହିଦା ବୃଦ୍ଧି କରିବାର ଲକ୍ଷ୍ୟ ନେଇ ରାଜମିସ୍ତ୍ରୀ, ପଞ୍ଚାୟତିରାଜ ସଂସ୍ଥାଗୁଡିକ ଏବଂ ସରକାରୀ କର୍ମକର୍ତ୍ତାମାନଙ୍କ ପାଇଁ ବଡ ଧରଣର ତାଲିମ କାର୍ଯ୍ୟକ୍ରମର ଆୟୋଜନ କରିବା ଏହି ଅଭିଯାନର ମୂଳ ଲକ୍ଷ୍ୟ ରଖାଯାଇଛି ।

ହିତାଧିକାରୀଙ୍କ ଯୋଗ୍ୟତା

ଏହି ଯୋଜନାରେ ଗ୍ରାମର ପ୍ରତ୍ୟେକ ପରିବାରକୁ ସାମିଲ କରାଯାଇଥାଏ ।

ପ୍ରାଥମିକ, ଉଚ୍ଚ ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ

ତଥା ଅଙ୍ଗନଓ୍ୱାଡି ଭଳି ପ୍ରତ୍ୟେକ ଧରଣର ସରକାରୀ ବିଦ୍ୟାଳୟ ଗୁଡିକରେ ପାଇଖାନାର ବ୍ୟବସ୍ଥା ସହ ଉତ୍ତମ ସ୍ୱାସ୍ଥ୍ୟରକ୍ଷାର ବ୍ୟବସ୍ଥା କରିବା ପାଇଁ ପ୍ରାବଧାନ ରହିଛି ।

ଆବେଦନ ପ୍ରଣାଳୀ

ଗ୍ରାମ ପଞ୍ଚାୟତ, ନିର୍ବାହୀ ଯନ୍ତ୍ରୀ ଜିଲ୍ଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ।

ଅଧିକାଂଶ ସ୍ଥାନରେ କାର୍ଯ୍ୟକାରୀ ସଂସ୍ଥା ସ୍ୱତଃ ହିତାଧିକାରୀମାନଙ୍କ ପାଖରେ ପହଞ୍ଚିଥାନ୍ତି ।

ଚିହ୍ନଟ ପ୍ରକ୍ରିୟା

ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଥିବା ପରିବାରଙ୍କୁ ଅଗ୍ରାଧିକାର ଦିଆଯାଏ ।

ଦାରିଦ୍ର୍ୟ ସୀମାରେଖା ଉପରେ ଥିବା ପରିବାର ଏହି ଯୋଜନା ଅନ୍ତର୍ଭୁକ୍ତ ହୋଇପାରିବେ କିନ୍ତୁ ରିହାତି ମିଳିବ ନାହିଁ ।

ଏହି ଯୋଜନା ଚାଲିଥିବା ଅଞ୍ଚଳର ସମସ୍ତ ଶିକ୍ଷାନୁଷ୍ଠାନକୁ ଉକ୍ତ ସୁବିଧା ପ୍ରଦାନ କରାଯିବ ।

ସାହାଯ୍ୟର ପରିମାଣ

୨୦ ହଜାର ଟଙ୍କା ବ୍ୟୟରେ ତିଆରି ହେଉଥିବା ଏକ ସ୍କୁଲ ପାଇଖାନା ପାଇଁ କେନ୍ଦ୍ର ସରକାର ସବୁଠୁ ଅଧିକ ୧୨ ହଜାର ପର୍ଯ୍ୟନ୍ତ ଟଙ୍କାର ଆର୍ଥିକ ସାହାଯ୍ୟ ଯୋଗାଇ ଦେଇଥାନ୍ତି । ବାଳକ ଓ ବାଳିକାମାନଙ୍କ ପାଇଁ ପୃଥକ ଭାବେ ପାଇଖାନା ତିଆରି କରାଗଲେ ପ୍ରତିଟି ପାଇଖାନା ପାଇଁ ପୃଥକ ଭାବେ ଏହି ଆର୍ଥିକ ସାହାଯ୍ୟ ଦିଆଯାଇଥାଏ ।

ପ୍ରତ୍ୟେକ ଅଙ୍ଗନଓ୍ୱାଡି କେନ୍ଦ୍ରରେ ଛୋଟ ପିଲାକୁ ସୁବିଧା ହେଉଥିବା ଭଳି ପାଇଖାନାର ସୁବିଧା କରାଯିବ ।

ଗ୍ରାମାଞ୍ଚଳରେ ଥିବା ପ୍ରତ୍ୟେକ ଅଙ୍ଗନୱାଡିରେ ୫ହଜାର ଟଙ୍କା ଖର୍ଚ୍ଚ କରି ଏକ ପାଇଖାନା ତିଆରି କରାଯିବ। ଏହି ଖର୍ଚ୍ଚରୁ ୩ ହଜାର ଟଙ୍କା ଭାରତ ସରକାର ଯୋଗାଇ ଦେଇଥାନ୍ତି।

ସାହାଯ୍ୟକାରୀ ଅଧିକାରୀ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ସଂସ୍ଥାର ବ୍ଲକସ୍ତରୀୟ କନିଷ୍ଠ ଯନ୍ତ୍ରୀ ଓ ଜିଲ୍ଲା ନିର୍ବାହୀ ଯନ୍ତ୍ରୀ ।

ଅଭିଯୋଗ ଦାଖଲ ସାଧାରଣ କାଗଜରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ କାର୍ଯ୍ୟାଳୟର ଅଧିକାରୀଙ୍କ ପାଖରେ ଅଭିଯୋଗ ଦାଖଲ କରାଯାଇପାରିବ।

ଗ୍ରାମ ସଭା ବୈଠକ, ପଞ୍ଚାୟତ ବୈଠକ, ବିଡିଓ କିମ୍ବା ଜିଲ୍ଲା ଜଳ ପରିମଳ ମିଶନଙ୍କ ଦୃଷ୍ଟିକୁ ଅଣାଯାଇପାରିବ।

ବିଶେଷ ସୂଚନା ଗ୍ରାମପଞ୍ଚାୟତ, ବ୍ଲକ, ଜିଲ୍ଲା ସଂପୂର୍ଣ୍ଣପରିମଳ ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତି କିମ୍ବା ଅନୁଷ୍ଠାନକୁ ନିର୍ମଳ ଗ୍ରାମ ପୁରସ୍କାର ଦିଆଯିବ। ପଞ୍ଚାୟତିରାଜ ସଂସ୍ଥାଗୁଡିକ ନିର୍ଦ୍ଧାରିତ ଫର୍ମରେ ଜିଲ୍ଲା ଜଳପରିମଳ ମିଶନ ଜରିଆରେ ରାଜ୍ୟ ଜଳପରିମଳ ମିଶନକୁ ପ୍ରସ୍ତାବ ପଠାଇବେ। ଏନେଇ ଗଠିତ ଜାତୀୟ କମିଟି ପ୍ରସ୍ତାବକୁ ଚୂଡାନ୍ତ କରିବ।

ସ୍ୱଜଳଧାରା ଯୋଜନା

ଯୋଜନାର ଉଦ୍ଦେଶ୍ୟ

ଗ୍ରାମାଞ୍ଚଳରେ ନିରାପଦ ପାନୀୟ ଜଳର ବ୍ୟବସ୍ଥାକୁ ସାଧାରଣ ଲୋକମାନଙ୍କ ନିମନ୍ତେ ସୁନିଶ୍ଚିତ କରିବା ହେଉଛି ସ୍ୱଜଳଧାରା ଯୋଜନାର ଉଦ୍ଦେଶ୍ୟ।

ସାଧାରଣତଃ ଏହି ଯୋଜନା ଗ୍ରାମ, ସାହି ଓ ଶିକ୍ଷାନୁଷ୍ଠାନ ମାନଙ୍କରେ କାର୍ଯ୍ୟକାରୀ ହୋଇଥାଏ।

ଏହି ଯୋଜନା କାର୍ଯ୍ୟକାରୀ କରିବା ପାଇଁ ପଲ୍ଲୀସଭା ମାଧ୍ୟମରେ ଗ୍ରାମ / ସାହି ଚିହ୍ନଟ କରାଯାଏ ଓ ଜିଲ୍ଲା ଜଳଯୋଗାଣ ଓ ପରିମଳ ବିଭାଗର ନିର୍ବାହୀଙ୍କୁ ଆବେଦନ କରାଯାଏ ।

ସାହାଯ୍ୟର ପରିମାଣ

ସଂପୂର୍ଣ୍ଣ ପ୍ରକଳ୍ପର ଖର୍ଚ୍ଚରୁ ଶତକଡା ୧୦ଭାଗ ଗୋଷ୍ଠୀକୁ ବହନ କରିବାକୁ ପଡିଥାଏ। ଅବଶିଷ୍ଟ ସରକାରୀ ଅନୁଦାନ ମାଧ୍ୟମରେ ହୋଇଥାଏ।

ପାଇପ ଜଳ ଯୋଗାଣ ଯୋଜନା ପାଇଁ ସାଧାରଣ ବର୍ଗ ୧୦ ପ୍ରତିଶତ ବହନ କରୁଥିବା ସମୟରେ ଅନୁସୂଚିତ ଜାତି ଓ ଜନଜାତି ବସତିରେ ଗୋଷ୍ଠୀ ଶତକଡା ୫ ଭାଗ ଖର୍ଚ୍ଚ ବହନ କରିଥାନ୍ତି।

ଗୋଷ୍ଠୀର ସହଯୋଗକୁ ଭରଣା କରିବା ପାଇଁ ଏମ୍.ପି/ ଏମ୍.ଏଲ୍.ଏ ସ୍ଥାନୀୟ ବିକାଶ ପାଣ୍ଠିରୁ ଆର୍ଥିକ ଅନୁଦାନ ମଧ୍ୟ ଗ୍ରହଣ କରାଯାଇ ପାରିବ।

ସାହାଯ୍ୟକାରୀ ଅଧିକାରୀ

ନିର୍ବାହୀ ଯନ୍ତ୍ରୀ ଜିଲ୍ଲା ଜଳଯୋଗାଣ ଓ ପରିମଳ ବିଭାଗ ।

ଅଭିଯୋଗ ଦାଖଲ

ନିମ୍ନମାନର କାମ କିମ୍ବା ନୂତନ କାମ ପାଇଁ ଆବଶ୍ୟକୀୟ ଅଭିଯୋଗ ସଂଯୋଗ କାର୍ଯ୍ୟାଳୟ ଭୁବନେଶ୍ୱର କିମ୍ବା

ସ୍ଥାନୀୟ ବିଡିଓଙ୍କ କାର୍ଯ୍ୟାଳୟରେ ଦାଖଲ କରାଯାଇପାରିବ। ଶୁଳ୍କବିହୀନ ଫୋନ୍ - ୧୮୦୦-୩୪୫୬୭୭୦ ।

ବିଶେଷ ସୂଚନା

ଗ୍ରାମ୍ୟ ପାନୀୟ ଜଳଯୋଗାଣ ଓ ପରିମଳ ସଂଗଠନ (ଆର.ଡବ୍ଲୁ.ଏସ୍.ଏସ୍) ଅଧିନରେ ଥିବା ସମସ୍ତ ପାଇପ ଜଳଯୋଗାଣ, ହେଣ୍ଡ ପମ୍ପ, ନଳକୂପ, ଖୋଲା ପରିମଳକୂପ ଆଦିର ସମ୍ପତ୍ତିକୁ ଗ୍ରାମ ପଞ୍ଚାୟତ ଅଧିଗ୍ରହଣ କରିବ। ଏହାର ଦୈନନ୍ଦିନ ପରିଚାଳନା, ମରାମତି ଓ ଉନ୍ନତି ସାଧନ ପାଇଁ ପଞ୍ଚାୟତ ଦ୍ୱାଦଶ ଅର୍ଥକମିଶନଙ୍କ ଅନୁଦାନରୁ ମିଳିଥିବା ଅର୍ଥ ଖର୍ଚ୍ଚ କରିବ।

ଭବିଷ୍ୟତରେ ମଧ୍ୟ ଆର.ଡବ୍ଲୁ.ଏସ.ଏସ୍ ସଂଗଠନ ଦ୍ୱାରା ନିର୍ମିତ ଓ ସଂପୂର୍ଣ୍ଣ ହୋଇଥିବା ସବୁଯାକ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ଅଧିଗ୍ରହଣ ଗ୍ରାମ ପଞ୍ଚାୟତ ଦ୍ୱାରା କରାଯିବ।

ଜଳର ମାନ ପରୀକ୍ଷା, ଜଳର ବିଶୁଦ୍ଧିକରଣ, ଜଳକୁ ସଂକ୍ରମଣ ଶୂନ୍ୟ କରିବା ପ୍ରକ୍ରିୟା ଓ ପାନୀୟ ଜଳଯୋଗାଣ କ୍ଷେତ୍ରରେ ଉନ୍ନତି ସାଧନ ପାଇଁ ଆବଶ୍ୟକ ଜ୍ଞାନ କୌଶଳ ଆର.ଡବ୍ଲୁ. ଏସ. ଏସ ଦ୍ୱାରା ଯୋଗାଇ ଦିଆଯିବ।

ସ୍ୱଜଳଧାରା ଓ ସେକ୍ଟର ରିଫର୍ମ ପାଇଲଟ୍ ପ୍ରୋଜେକ୍ଟ ଜରିଆରେ ତିଆରି ହୋଇ ଗ୍ରାମ ଜଳ ପରିମଳ କମିଟି ଦ୍ୱାରା ପରିଚାଳନା ଓ ରକ୍ଷଣାବେକ୍ଷଣ କରାଯାଉଥିବା ଜଳ ଯୋଗାଣ ପ୍ରକଳ୍ପ ଗୁଡିକ ମଧ୍ୟ ଗ୍ରାମ ଜଳ ପରିମଳ କମିଟି ଓ ଗ୍ରାମ ପଞ୍ଚାୟତ ମଧ୍ୟରେ ବୁଝାମଣା କରାଯାଇ,

ଗ୍ରାମପଞ୍ଚାୟତ ଏହାର ଦୈନନ୍ଦିନ ପରିଚାଳନା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ନେଇ ପାରିବ।

ନିର୍ଦ୍ଦିଷ୍ଟ ସଂସ୍ଥା/ଅନୁଷ୍ଠାନ କିମ୍ବା କଲୋନୀ ପାଇଁ ଜଳଯୋଗାଣ ବ୍ୟବସ୍ଥା ଆର.ଡବ୍ଲ୍ୟୁ.ଏସ୍.ଏସ୍ ଅଧିନରେ ରହିବ।

ସ୍ୱାବଲମ୍ବୀ ମେକାନିକ ବା ଏସ୍.ଇ.ଏମ୍. ଗ୍ରାମପଞ୍ଚାୟତ ଅଧିନରେ କାର୍ଯ୍ୟ କରିବେ। ତାଙ୍କ ସହ ଚୁକ୍ତିକୁ ଗ୍ରାମ ପଞ୍ଚାୟତ ନିଜେ ନବୀକରଣ କରିବ। ଆର.ଡବ୍ଲୁ.ଏସ୍.ଏସ୍ ଦ୍ୱାରା ତାଙ୍କୁ ଦିଆଯାଇଥିବା ଯନ୍ତ୍ରାଂଶ ଓ ମରାମତି ଯନ୍ତ୍ରପାତିକୁ ଗ୍ରାମ ପଞ୍ଚାୟତର ସଂପତ୍ତି ବୋଲି ଧରାଯିବ। (ଏସ୍ଇଏମ୍.)କୁ ପାରିଶ୍ରମିକ ପ୍ରଦାନ, ଦରକାର ହେଲେ ଅତିରିକ୍ତ ଏସ୍.ଇ.ଏମ୍ ନିଯୁକ୍ତି ଓ ସେମାନଙ୍କ ତାଲିମ ଆଦିର ଖର୍ଚ୍ଚ ଗ୍ରାମପଞ୍ଚାୟତ ବହନ କରିବ।

ପ୍ରତ୍ୟେକ ବ୍ଲକରେ ମେକାନିକ୍/ଫିଟର ମିସ୍ତ୍ରୀ/ଖଲାସୀ/ ଏନ୍ଏମ୍ଆର୍/ଡି.ଏଲ.ଆର୍. ସ୍ତରରେ ଚାରିଜଣଙ୍କୁ ନେଇ ଗୋଟିଏ ପରିଚାଳନା ଏକକ ରହିଛି। ଏହାକୁ ଡ୍ରାଇଭର ସହ ଏକ ଗାଡି ମଧ୍ୟ ଦିଆଯାଇଛି ଯେଉଁମାନେ ଅଚଳ ନଳକୂପ କିମ୍ବା ପାଇପ ପାଣି ବ୍ୟବସ୍ଥାକୁ ଠିକ୍ କରିବା କାମ କରିଥାନ୍ତି।

ଯେତେବେଳେ ଦରକାର ହେବ ଏଭଳି ଦଳକୁ ଆର.ଡବ୍ଲୁ.ଏସ.ଏସ ବ୍ଲକକୁ ପଠାଇଥାଏ।
ଯଦି ଦରକାର ସମୟରେ ଏହି ଦଳର ସେବା ମିଳି ନ ପାରିଲା, ପଞ୍ଚାୟତ ସମିତି ପକ୍ଷରୁ ନିୟମ ଅନୁଯାୟୀ ମରାମତି ଓ ଗାଡିର ବ୍ୟବସ୍ଥା ନିଜେ କରିପାରିବ।

ଆର.ଡବ୍ଲୁ.ଏସ.ଏସ୍. ଦ୍ୱାରା ଗ୍ରାମପଞ୍ଚାୟତ କିମ୍ବା ପଞ୍ଚାୟତ ସମିତିରେ କାର୍ଯ୍ୟକରୁଥିବା କର୍ମଚାରୀଙ୍କୁ ଦରମା ଓ ବିଭିନ୍ନ ଭତ୍ତା ତଥା ସୁବିଧାସୁଯୋଗ ସଂପୃକ୍ତ ପଞ୍ଚାୟତ ବା ପଞ୍ଚାୟତ ସମିତି ବହନ କରିବ।

ପଞ୍ଚାୟତ ସମିତିର ପ୍ରତ୍ୟେକ କନିଷ୍ଠ ଯନ୍ତ୍ରୀ ଗ୍ରାମ/ ପଞ୍ଚାୟତର ସୂକ୍ଷ୍ମ ଯୋଜନା ପ୍ରସ୍ତୁତିରେ ନିଶ୍ଚୟ ସାହାଯ୍ୟ କରିବେ। ଯୋଜନାର ସମ୍ପୂର୍ଣ୍ଣ ଆକଳନ ସହ ପ୍ରକଳ୍ପ ରିପୋର୍ଟ (ଡି.ପି.ଆର୍) ସାମଗ୍ରୀର ବିଲ୍ ଏବଂ ଗୁଣାତ୍ମକ ମାନର ବିଲ୍ ତଥା ସାମଗ୍ରୀ ନିର୍ଦ୍ଧାରିତ ମୂଲ୍ୟ ସ୍ଥିର କରିବା ଦାୟିତ୍ୱ କନିଷ୍ଠ ଯନ୍ତ୍ରୀଙ୍କର ରହିବ ।

ପାଣ୍ଠି ଯୋଗାଣ କ୍ଷେତ୍ରରେ ପ୍ରାଥମିକତା ପାଇଁ ସମ୍ଭାବିତ ଯୋଜନାକୁ ଆର.ଡବ୍ଲୁ.ଏସ୍.ଏସ୍.ର ନିର୍ବାହୀ ଯନ୍ତ୍ରୀ, ଅଧିକ୍ଷଣ ଯନ୍ତ୍ରୀ, ମୁଖ୍ୟଯନ୍ତ୍ରୀ, ପ୍ରଶାସନିକ ଓ ବୈଷୟିକ ମଞ୍ଜୁରୀ ପ୍ରଦାନ କରିବେ।

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା

ଯୋଜନାର ଉଦ୍ଦେଶ୍ୟ

ଏହି ଯୋଜନା ୨୫ ଡ଼ିସେମ୍ବର ୨୦୦୦ ମସିହାରୁ କାର୍ଯ୍ୟକାରୀ ହେଉଛି । ବିଶେଷ କରି ଗ୍ରାମାଞ୍ଚଳରେ ଥିବା ଅଣସଂଯୋଗୀକୃତ ଗ୍ରାମଗୁଡ଼ିକୁ ସବୁଦିନିଆ ରାସ୍ତା ନିର୍ମାଣ କରିବା ଏହି ଯୋଜନାର ମୂଳ ଉଦ୍ଦେଶ୍ୟ ।

କାର୍ଯ୍ୟର ରୂପରେଖ

ପ୍ରତ୍ୟେକ ଜିଲ୍ଲାର ଯୋଗାଣ ଭିତ୍ତିରେ ନୂତନ ରାସ୍ତା ନିର୍ମାଣ ତଥା ପୁରୁଣା ରାସ୍ତାର ଉନ୍ନତି କରଣର ଏକ ବାର୍ଷିକ ଆକଳନ ପ୍ରସ୍ତୁତ କରାଯାଇଥାଏ । ଏହି ଆଧାରରେ ରାଜ୍ୟ ସରକାର କେନ୍ଦ୍ରରୁ ମିଳିଥିବା ଅର୍ଥର ଶତକଡ଼ା ୮୦ ଭାଗ ପ୍ରତ୍ୟେକ ଜିଲ୍ଲାରେ ନୂତନ ରାସ୍ତା ପାଇଁ ଓ ୨୦ ପ୍ରତିଶତ ପୁରୁଣା ରାସ୍ତାର ଉନ୍ନତି ପାଇଁ ଯୋଗାଇ ଦେଇଥାନ୍ତି ।

ସ୍ଥିରୀକୃତ ପ୍ରକଳ୍ପଗୁଡ଼ିକ ଜିଲ୍ଲାପରିଷଦର ସହମତିପରେ କାର୍ଯ୍ୟକାରୀ ୟୁନିଟ ବା ପି.ଆଇ.ୟୁ ପ୍ରସ୍ତାବ ଗୁଡ଼ିକୁ ଏସ୍.ଆର୍.ଆଇ.ଡ଼ି. ଏ କୁ ପଠାଯାଏ । ଏବଂ ସାଂସଦ ମାନଙ୍କ ପ୍ରସ୍ତାବକୁ ଏଥିରେ ସାମିଲ କରାଯାଏ ।

ଅଭିଯୋଗ

ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ଦାଖଲ କରାଯାଏ ।

ସି.ୱାଇ.ଏସ୍.ଡି

ଇ-୧, ଇନ୍‌ଷ୍ଟିଚ୍ୟୁସନାଲ୍ ଏରିଆ

ଗଂଗାଧର ମେହେର ମାର୍ଗ, ଭୁବନେଶ୍ୱର-୭୫୧୦୧୩

ଦୂରଭାଷ : ୦୬୭୪-୨୩୦୧୭୨୫, ୨୩୦୦୭୭୪, ଫ୍ୟାକ୍ସ : ୦୬୭୪-୨୩୦୧୨୨୬

Email : cysdbbsr@sancharnet.in, Website : www.cysd.org